## ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ

# ବିଜେଡି ପରିବାରର ସମସ୍ତ ସଦସ୍ୟ ଜଣେ ଜଣେ ସେବକ

**ବଡସାହି:** ମାଣତ୍ରୀ ବାବା କଖାରୁଆ ବୈଦ୍ୟନାଥ ପୀଠରେ ବଡସାହି ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ବଡସାହି ବ୍ଲକ ସଭାପତି ତପନ କୁମାର ପତି ସଭାପତିତ୍ୱ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଯୁବ ନିର୍ବାଚନଣ୍ଡଳୀ ସଭାପତି ରାକେଶ ମହାପାତ୍ର। ମୁଖ୍ୟଅତିଥି ଭାବେ ବଡସାହି ନିର୍ବାଚନମଣ୍ଡଳୀ ସହପର୍ଯ୍ୟବେକ୍ଷକ ଅମରେଶ ପତ୍ରୀ, ସମ୍ମାନିତ ଅତିଥି ଭାବେ ନିର୍ବାଚନମଣ୍ଡଳୀ ସଂଯୋଜକ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବସୁଧାର ସଂଯୋଜିକା ଊର୍ମିପ୍ରଭା ଦାସ, ନିର୍ବାଚନ ମଣ୍ଡଳୀ ସଂଯୋଜିକା ସୀମା ଦାସ ଓ ସବିତା ହାଁସଦା, ଜିଲ୍ଲା ମହିଳା ଉପସଭାପତି ସରପତି ଟୁଡୁ, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ଜଗନ୍ନାଥ ମଲ୍ଲିକ୍, ବିଶ୍ୱନାଥ ହେମ୍ବ୍ରମ୍, ସବିତା ଦାସ ଓ ଧାନୀ କିସ୍କୁ, ବଡସାହି ବ୍ଲକ ଅଧକ୍ଷ୍ୟା ମିନତୀ ସିଂ, ଉପାଧକ୍ଷା କାଞ୍ଚନ ପ୍ରଧାନ, ବେତନଟୀ ବ୍ଲକ ଅଧକ୍ଷ୍ୟା କୌଶଲ୍ୟା ମାଝୀ ଓ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି, ମହିଳା ସଭାପତି ଲକ୍ଷ୍ମୀ ସିଂ ଓ ସେହ୍ନଲତା ପାଣି,





ଫେଡରେସନ ସଭାପତି ପୂର୍ଣ୍ଣିମା ମିଶ୍ର, ବେତନଟୀ ବ୍ଲକ ସଭାପତି ସନ୍ତକ ଲେଙ୍କା, ଜିଲ୍ଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ଦଳେଇ, ଅଭିନ୍ନ ସୁନ୍ଦର ପାତ୍ର, ବଡସାହି ବ୍ଲକ ସଂଯୋଜକ ସନ୍ତୋଷ କୁମାର ଜେନା, ଜୋନ ସଂଯୋଜକ ରାଜେନ୍ଦ୍ର ବେହେରା, ଜ୍ଞାନରଞ୍ଜନ ଦାଶ, ଅଭିନ୍ନ ସୁନ୍ଦର ମହାନ୍ତ, ରବି ଧଳ ଓ ଚିନ୍ମୟ ପଣ୍ଡା, ବରିଷ୍ଠ ନେତା ରାଜକିଶୋର ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ବୃନ୍ଦାବନ ଦାସ, ଯୁବ କାର୍ଯ୍ୟକାରୀ ସଭାପତି ଦୀପକ ସାହୁ, ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ସିଦ୍ଧାର୍ଥ ଆଚାର୍ଯ୍ୟ, ଛାତ୍ର ସଭାପତି ବିଦ୍ୟାଧର ବିନ୍ଧାଣୀ, ମନିଷ ଗିରି ପ୍ରମୁଖ ଯୋଗଦେଇ ଦଳକୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ୨୦୨୪ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ପଣ୍ଡା, ପୁରୁଷୋତମ ପଣ୍ଡା, ଜ୍ୟୋତିକାନ୍ତ ସାମଲ, ଯାମିନୀ ନାଏକ, ଲଲାଟେନ୍ଦୁ ବେହେରା, ଅର୍ଜୁନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ବାରିପଦା, ୨୬ ।୧୨(ସମିସ)**

ବିଜୁ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ନେଇ ଆଜକୁ ପ୍ରାୟ ୨୬ ବର୍ଷ ତଳେ ବିଜୁ ଜନତା ଦଳ ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ ଦଳ ନିରଙ୍କୁଶ ଭାବେ ସବୁଥର ନିର୍ବାଚନ ଜିତି ୨୩ ବର୍ଷ ଧରି ରାଜ୍ୟରେ ସରକାରରେ ରହି ଆସିଛି। କେବଳ ସେତିକି ନୁହଁ, ଏହା ଏକ ସାମାଜିକ ଆନ୍ଦୋଳନର ରୂପ ନେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରକ୍ତଦାନଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଦଳର କର୍ମୀମାନେ ଆଗକୁ ଆସି ଜନସେବାରେ ନିଜକୁ ନିୟୋଜିତ କରିଛନ୍ତି। ତେବେ ଓଡ଼ିଶା ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲା ବିଜେଡି ପକ୍ଷରୁ ୨୭ତମ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଯାଇଛି। ଦଳର ନେତା ଓ କର୍ମୀମାନେ ପ୍ରଥମେ ବିଜୁ ପଟ୍ଟନାୟକ ଗୋଲାଇ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବିଜୁ ଭବନରେ ଆୟୋଜିତ ପ୍ରତିଷ୍ଠା ସମାରୋହରେ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ଓ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ବିଜେଡି ପରିବାରର ସମସ୍ତ ସଦସ୍ୟ ଜଣେ ଜଣେ ସେବକ ଏବଂ ରାଜ୍ୟବାସୀଙ୍କ ସେବା ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ସୁନୀଲ ଦାଶ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ନିର୍ବାଚନୀ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ବାରିପଦା ପୌରପାଳିକା ଉପନଗରପାଳ ସୀମା ଦାସ, ଜିଲ୍ଲା ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ କୁମାର ନାୟକ, ବାରିପଦା ସହର ସଂଯୋଜକ ନୀରଜ ସାହୁ, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର୍ ସିଂ, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ବେହେରା, ସରୋଜ ବୋଷ, ଅନନ୍ତ ଦାସ, ପ୍ରଭାତ ମହାନ୍ତି, କାଉନସିଲର ସୁକେସିନୀ ସେଠୀ, ପୂଜା ତରାଇ, ଅମ୍ବିକା ସାହୁ, ପ୍ରଶାନ୍ତ ବେହେରା, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ଶ୍ରୀମନ୍ତ ମୁର୍ମୁ, ଦୀପ୍ତିରାଣୀ ପଟ୍ଟନାୟକ, ସବିତା ପାଲ୍, ଦିଗ୍‌ବିଜୟ ହାଁସଦା, କୁମାର ମୁଖୀ, ସୁଧୀର ବାରିକ, ତ୍ରିଲୋକେଶ ପଣ୍ଡା, ଦେବାଶିଷ ପାତ୍ର, ଶିବ ଶଙ୍କର ପାତ୍ର, ଜିତା ସିଂ, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ରାଜୀବ ଜେନା, ମହିଳା ସହର ସଭାପତି ସୁରଭି ଦାସ, ନାରୀ ନେତ୍ରୀ ଶ୍ରାବଣୀ ଦାସ, ସବିତା ବେହେରା, ସମ୍ପା ମଜୁମ୍ ଦାର, ଛାତ୍ରନେତା ଦିବ୍ୟବ୍ରତ ମହାନ୍ତି, ଆଶୀର୍ବାଦ ଦାସ ଓ ଆଭାସ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଯୁବ ବିଜୁ ଜନତା ଦଳର ୫୭ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

**ବାଙ୍ଗିରିପୋଷି:** ବାଙ୍ଗିରିପୋଷି ମିନି ଷ୍ଟାଡିୟମଠାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବୀରକିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ମୁର୍ମୁ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଗଣଶିକ୍ଷା ଓ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ବିଧାୟକ ଅଜେନ ମୁର୍ମୁ, ଆମ ଓଡ଼ିଶା ଓ ନବୀନ ଓଡ଼ିଶାର ସଦର ସଂଯୋଜକ ସୁନୀଲ କୁମାର ଦାଶ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାର୍ଣ୍ଡି, ବାଙ୍ଗିରିପୋଷି ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳୀ ହେମ୍ବ୍ରମ, ଜୋନାଲ୍ ବିଜେଡି ଯୁବ ସଭାପତି ସୁବୋଧ ମାର୍ଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗା ମାର୍ଣ୍ଡି, ସଭ୍ୟା ପାର୍ବତୀ ସିଂ, ମଧୁସୂଦନ ସିଂ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରୀୟନାଥ ମାର୍ଣ୍ଡି, ଜିଲ୍ଲା ମହିଳା ମୋର୍ଚ୍ଚା ସଦର ସଭାନେତ୍ରୀ ଦ୍ୱୀପ୍ତିଲତା ମିଶ୍ର, ଜୋନାଲ୍ ମହିଳା ମୋର୍ଚ୍ଚା ସଭାନେତ୍ରୀ ବୀଣାପାଣି ସାହୁ, ବରିଷ୍ଠ ବିଜେଡି କର୍ମୀ ମୋତିଲାଲ ଦାଶ, ଶ୍ୟାମଖୁଣ୍ଟା



ବ୍ଲକ ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ସିଂ, ଶ୍ୟାମାଖୁଣ୍ଟ ବ୍ଲକ ବିଜେଡି ସଭାପତି କନଲାଲା ସିଂ, କୁଳିଅଣା ବ୍ଲକ ବିଜେଡି ସଭାପତି ଶୁଭ୍ରାଂଶୁ ଦେ ବାବୁ, ବ୍ଲକ ଯୁବ ସଭାପତି ଦୁବାୟ ମାଝୀ, ପୂର୍ବତନ ବ୍ଲକ ସଭାପତି ସାନ୍ତୁନୁ କୁମାର ଦାଶଙ୍କ ସମେତ ଅନ୍ୟ ନେତୃତ୍ୱବୃନ୍ଦ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଗ୍ରାମାଞ୍ଚଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ତଥା ବିକାଶ ମୂଳକ ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ମିନିଷ୍ଟାଡିୟମ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ପ୍ରଥମେ କର୍ମୀମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ କର୍ମୀମାନେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ପରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ଶର୍ମା, ଦୀପକ ମହାନ୍ତି, ପ୍ରଭାତ ପାତ୍ର, ପ୍ରଶାନ୍ତ ପାତ୍ର, ମନୋଜ ଦାସ, ମନୋରଞ୍ଜନ ବାରିକ, ମନୋଜ ଦତ୍ତ, ବିଜୟ ବେହେରା, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ସିଂ, ନିଶିକାନ୍ତ ଦାସ, ଭାସ୍କର ମହାନ୍ତ, ଲାଲମୋହନ ବେହେରା, ପବିତ୍ର ମୋହନ ମହାନ୍ତି, ଧନଞ୍ଜୟ ସାହୁ, ଗଣେଶ ନାଏକ, ସୁଜିତ ରଥ, ନୁରି ସେଠୀ, ସମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ସାଭ୍ୟ ଆନନ୍ଦ ଟୁଡୁ ଧନ୍ୟବାଦ ଦେଇଥିଲେ।

**କରଞ୍ଜିଆ:** କରଞ୍ଜିଆରେ ବିଜେଡିର ୨୭ ତମ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଯାଇଛି। ମହିଳା ସଶକ୍ତୀମନ୍ତ୍ରୀ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ନେତୃତ୍ୱରେ କର୍ମୀମାନେ ପ୍ରଶାନ୍ତି କନଭେନସନରୁ ଏକ ସାଇକଲ ରାଲି ବାହାରିଥିଲା। ପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମନ୍ତ୍ରୀଙ୍କ ସମେତ ୪୩ ଜଣ ରକ୍ତଦାନ କରିଥିଲେ। ସନ୍ତୋଷ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, କରଞ୍ଜିଆ ପର୍ଯ୍ୟବେକ୍ଷକ ଦେବପ୍ରିୟ ପାତ୍ର ଯୋଗଦେଇ କର୍ମୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ସେତୁ ଯୋଜନାର ଉପଦେଷ୍ଟା ଦିଲ୍ଲୀପ କୁମାର ସାହୁ, ବରିଷ୍ଠ ନେତା ଗିରିଧାରୀ ପୃଷ୍ଟି, କରଞ୍ଜିଆ ଏନଏସି ଅଧ୍ୟକ୍ଷା ପପି ପୃଷ୍ଟି, କରଞ୍ଜିଆ ବ୍ଲକ ଅଧ୍ୟକ୍ଷା ଶୁଭଦ୍ରା ମାରାଣ୍ଡି, ୬/୭ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ବୀଣାପାଣି ନାୟକ, ଜ୍ୟୋସ୍ନାରାଣୀ ନାୟକ, କରଞ୍ଜିଆ ଏନଏସି ଉପାଧ୍ୟକ୍ଷ ସରୂପ କୁମାର ପରିଜା, ଜିଲ୍ଲା ଛାତ୍ର ସଭାପତି ଅନିଶ ମାନ୍ନା, ଚିକୁ ଭୁଜବଳ, ମହେଶ୍ୱର ନାୟକ, ରୋହିତ ପୃଷ୍ଟି, ଅଞ୍ଜୁ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ କହିବା ସହିତ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନବନିଯୁକ୍ତ ନେତାମାନଙ୍କ ନାମ ଘୋଷଣା କରାଯାଇଥିଲା। ସଭାରେ ହଜାର ହଜାର ଦଳୀୟ କର୍ମୀ ଉପସ୍ଥିତ ଥିଲେ।






**ବିଶୋଇ :** ବିଜେଡିର ସାରସକଣା ନିର୍ବାଚନ ମଣ୍ଡଳୀସ୍ତରୀୟ ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ନିର୍ବାଚନ ମଣ୍ଡଳୀର ସାରସକଣା, ବିଶୋଇ, ବିଜାତଳା ଓ କୁସୁମୀ ବ୍ଲକର ଶତାଧିକ ଦଳୀୟ ମହିଳା, ଯୁବ ଓ ଛାତ୍ର କର୍ମୀ ତଥା ଶତାଧିକ ବିଜେଡି ପ୍ରେମୀଙ୍କୁ ନେଇ ବିଜାତଳା ବ୍ଲକ ମାଣିକପୁର ଷ୍ଟାଡ଼ିୟମରେ ପାଳିତ ହୋଇଯାଇଛି। ବିଜାତଳା ବ୍ଲକ ବିଜେଡି ସଭାପତି ମାଝିଆରାମ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗଦେଇ ନବୀନ ଓଡ଼ିଶା ଗଢିବାର ସଂକଳ୍ପ ନେବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବ୍ୟକ୍ତା ଭାବରେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଯୋଗଦେଇ ଆସନ୍ତା ନିର୍ବାଚନରେ ଦଳକୁ ଜିତାଇ ଓଡ଼ିଶାକୁ ପ୍ରଗତିଭିମୁଖୀ କରିବା ପାଇଁ କହିଥିଲେ। ଓଡ଼ିଶା କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ବିଜେଡି ପ୍ରତିଷ୍ଠା ଦିବସରେ ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିବା ନେଇ କର୍ମୀଙ୍କୁ ସଂକଳ୍ପ କରାଇଥିଲେ। 'ଆମ ଓଡ଼ିଶା, ନବୀନ ଓଡ଼ିଶା'ର ସଂଯୋଜକ ଅମରେନ୍ଦ୍ର କର, ପ୍ରାକ୍ତନ ବିଧାୟକ ଭାଦବ ଚନ୍ଦ୍ର ହାଁସଦା, ବିଶୋଇ ବ୍ଲକ କାର୍ଯ୍ୟକାରୀ ସଭାପତି କ୍ଷୀରଦ କୁମାର ନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ ବୁଦ୍ଧିମାନ ମଣ୍ଡଳ, ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା, ସାରସକଣା ବ୍ଲକ ଅଧ୍ୟକ୍ଷା ତୁଳସୀ ମୁଣ୍ଡା, ବିଜାତଳା ବ୍ଲକ ଅଧ୍ୟକ୍ଷା ରାଣୀ ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟା ମିତା ନାଏକ, ଜିଲ୍ଲା ପରିଷଦ ସଦସ୍ୟା ମାନିମ ମାହାଲି, ଜିଲ୍ଲା ପରିଷଦ ସଦସ୍ୟା ପାର୍ବତୀ ଟୁଡୁ, ସାରସକଣା ବ୍ଲକ ସଭାପତି ସମୀର ବେହେରା, ବିଶୋଇ ବ୍ଲକ ସଭାପତି ଫାଗୁରାମ ମାର୍ଣ୍ଡି, ବିଜାତଳା ବ୍ଲକ ମହିଳା ସଭାପତି ରଶ୍ମିରେଖା ମହାନ୍ତ, ବିଶୋଇ ବ୍ଲକ ମହିଳା ସଭାପତି ଆରତୀ ମହାନ୍ତ, ସାରସକଣା ମହିଳା ସଭାପତି ମନାଲି ସାହୁ, ସାରସକଣା ମହିଳା ସଂଯୋଜିକା ସୁକାନ୍ତି ମୁର୍ମୁ, ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ମଣିଶଙ୍କର ବାରିକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ବିଜେଡିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନିମାଇଁ ଚରଣ ମୁର୍ମୁ ଅତିଥି ପରିଚୟ ଓ ମାଝିଆରାମ ଟୁଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଚିତ୍ରଡା:** ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଆଜି ମୟୂରଭଞ୍ଜ ଜିଲ୍ଲା ମୋରଡା ନିର୍ବାଚନ ମଣ୍ଡଳୀର ଚିତ୍ରଡା ଜଗନ୍ନାଥ ମନ୍ଦିର ପାଖ ପଡ଼ିଆରେ ପାଳିତ ହୋଇଯାଇଛି। ସମାରୋହରେ ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶହଶହ କର୍ମୀ, ସମର୍ଥକ ଓ କର୍ମକର୍ତ୍ତାଙ୍କ ସହିତ ଏସଏଚଜି ମହିଳା ଉପସ୍ଥିତଥିଲେ। ଯୁବଛାତ୍ର ସଂଗଠନ ପକ୍ଷରୁ ବିଧାୟକ ରାଜକିଶୋର ଦାସଙ୍କୁ ଏକ ବିଶାଳ ବାଇକ ରାଲି ମାଧ୍ୟମରେ ଝିଙ୍କିରିଆଠାରୁ ଚିତ୍ରଡା ସଭାମଞ୍ଚକୁ ଆଣିଥିଲେ। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ଦାସ ଯୋଗ ଦେଇ ନିର୍ବାଚନ ମଣ୍ଡଳୀର ବିକାଶର ଗୁଣଗାନ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଜନହିତ ଯୋଜନା ସମ୍ପର୍କରେ କର୍ମୀ କହିଥିଲେ। ଶ୍ରୀ ଦାସ ଆଗାମୀ ନିର୍ବାଚନ ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ନାରିନେତ୍ରୀ ପ୍ରୀତିନନ୍ଦା କାନୁନଗୋ, ପୂର୍ବତନ ବିଧାୟକ ଛତିଶ ଚନ୍ଦ୍ର ଧଳ, ଜିଲ୍ଲା ଉପସଭାପତି ଆଦିତ୍ୟ ପଣ୍ଡ, ମୋରଡା ବ୍ଲକ ଅଧ୍ୟକ୍ଷ ପିଥନାଥ ସୋରେନ, ରାସଗୋବିନ୍ଦପୁର ବ୍ଲକ ଅଧ୍ୟକ୍ଷା ପାର୍ବତୀ ହାଁସଦା, ଶୁଳିଆପଦା ବ୍ଲକର ଅଧ୍ୟକ୍ଷା ପାନମଣି ମାରାଣ୍ଡି, ମୋରଡା ବ୍ଲକ ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟ ଅଭିରାମ ଭୋଇ, ଜିଲ୍ଲା ପରିଷଦ ସଭ୍ୟା ମିନାକ୍ଷୀ ସୋରେନ, ଝରଣା ମୁର୍ମୁ, ରାସଗୋବିନ୍ଦପୁର ବ୍ଲକ ପର୍ଯ୍ୟବେକ୍ଷକ ବିଜନ ନାୟକ, ଶୁଳିଆପଦା ବ୍ଲକ ପର୍ଯ୍ୟବେକ୍ଷକ ସଞ୍ଜୀବ ଦେ, ମୋରଡା ବ୍ଲକ ପର୍ଯ୍ୟବେକ୍ଷକ ମୀନକେତନ ମହାନ୍ତି, ବିଦ୍ୟୁତପ୍ରଭା ବେହେରା, ବିଷ୍ଣୁପ୍ରିୟା ଦାସ, ମୋରଡା ବିଜେଡି ସଭାପତି ଜୟପ୍ରକାଶ ରାଉଳ, ମୋରଡା ବ୍ଲକ ଯୁବ ସଭାପତି ସମୀର ବେହେରା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ଶୁଳିଆପଦା, ରାସଗୋବିନ୍ଦପୁର ଓ ମୋରଡ଼ା ବ୍ଲକର ୧୦ ହଜାରରୁ ଅଧିକ କର୍ମୀ, କର୍ମକର୍ତ୍ତା, ସମର୍ଥକ ଓ ମହିଳା ଉପସ୍ଥିତ ଥିଲେ।



**ରାଇରଙ୍ଗପୁର:** ମଙ୍ଗଳବାର ବିଜୁ ପଟ୍ଟନାୟକ ଛକରେ ବିଜେଡିର ୨୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ସମସ୍ତ ନେତୃମଣ୍ଡଳୀୟ ବିଜୁ ବାବୁଙ୍କ ନୀତି ଓ ଆଦର୍ଶକୁ ଅନୁସରଣ କରିବା ପାଇଁ ଶପଥ ନେଇଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ, ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଅଭିଶେକ ପଟ୍ଟନାୟକ, ବରିଷ୍ଠ ନେତା ଦୁର୍ଗାଚରଣ ହେମ୍ବ୍ରମ, ଜିଲ୍ଲା ପରିଷଦ ପରେଶ ଚନ୍ଦ୍ର ମୁଣ୍ଡା, ବିଜେଡି ଉପସଭାପତି ସୁବାସ ମଣ୍ଡଳ, ସ୍ୱରୂପ ବେହେରା, ପାର୍ଥସାରଥୀ କବି, ସଚିନ୍ଦ୍ର ଦାସ, ମହିଳାମୋର୍ଚ୍ଚା ଜିଲ୍ଲା ସଭାପତି ତନୁଜା ମହାନ୍ତ, ପୌର ଉପାଧ୍ୟକ୍ଷା ମମିତା ଚୌଧୁରୀ, ବିଜେଡି ନେତା ରାଇସେନ ମୁର୍ମୁ, ବିଜୁ ସେତୁ ଯୋଜନା ଉପଦେଷ୍ଟା ରତିକାନ୍ତ ପରୀକ୍ଷା, ଶକ୍ତି ବିଭାଗ ଉପଦେଷ୍ଟା ଦୀପ୍ତିମାନ ବଳ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ଜାମଦା ବ୍ଲକ ଅଧ୍ୟକ୍ଷ ଡୁମକା ହେମ୍ବ୍ରମ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।



**ଶୁକ୍ଳି:** ମୟୂରଭଞ୍ଜ ଜିଲ୍ଲାର ଯଶିପୁର ନିର୍ବାଚନ ମଣ୍ଡଳୀ ଭଞ୍ଜକିଆଠାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଢେ ଚାରି କୋଟି ଓଡ଼ିଆଙ୍କୁ ନିଜ ପରିବାର ଭଳି ସବୁବେଳେ ଦେଖି ଆସିଛନ୍ତି ଏବଂ ପରିବାର ପାଇଁ ଯୁଗାନ୍ତକାରୀ ଯୋଜନା ମାନ କରି ଆସୁଛନ୍ତି; ଯାହାକି ସହରଠୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ପାଖରେ ପହଞ୍ଚିପାରିଛି। ସେଥିପାଇଁ ସମସ୍ତେ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବରେ ଦେଖିବାକୁ ସଂକଳ୍ପ କରିଛନ୍ତି। ଏହି ଅବସରରେ ଯଶିପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ କୁମାର ସିଂ, ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ୍ ତିରିଆ, ରରୁଆଁ ବ୍ଲକ ସଭାପତି ଅମରେଶ ଭଞ୍ଜଦେଓ, ଯୁବ ନେତା ଗୋଲକ ବିହାରୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ବିକାଶ ରଞ୍ଜନ ସି, ନରେଶ ଗିରି, ମଙ୍ଗଲ ସିଂ ମୁଦି, ବିପିନ ବିହାରୀ ମହାନ୍ତ, ତପନ ବାରିକ, ମହେଶ ହେମ୍ବ୍ରମ୍, ସାରିନା ହେମ୍ବ୍ରମ୍, ମିନତି ନାଏକ, ମିନତୀ ତିରିଆ ପ୍ରମୁଖ ବହୁ ଜନପ୍ରତିନିଧି କାର୍ଯ୍ୟକ୍ରମରେ ସାମିଲ ହୋଇ ସ୍ୱର୍ଗତ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମଲ୍ୟ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।



**ଉଦଳା :** ଆଜି ଉଦଳା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ସ୍ଥାନୀୟ ଅତୁଲ ପଡ଼ିଆରେ ପାଳିତ ହୋଇଯାଇଛି। ହନୁମାନ ମନ୍ଦିର ନିକଟରେ ଥିବା ବିଜେଡି କାର୍ଯ୍ୟାଳୟରେ ବିଜୁବାବୁଙ୍କ ଫଟୋଚିତ୍ରରେ କର୍ମୀମାନେ ମାଲ୍ୟର୍ପଣ କରିବା ପରେ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ପରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ପରିଚାଳନା ଏବଂ ପୂର୍ବତନ ନଗରପାଳ ମନୋଜ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପର୍ଯ୍ୟବେକ୍ଷକ ତଥା ଓଡା ଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ ଓ ଏସଡିସି ଅଧ୍ୟକ୍ଷ ଡ଼. ଦେବାଶିଷ ମାରାଣ୍ଡି ଯୋଗଦେଇ ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ଓ ଶୃଙ୍ଖଳିତ ସଦସ୍ୟ ହୋଇ ଦଳକୁ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କର୍ମୀମାନେ ବିଜୁବାବୁଙ୍କ ସ୍ୱପ୍ନ ଓ ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଏସି ପର୍ଯ୍ୟବେକ୍ଷକ କୃଷ୍ଣ ଦାସ ଯୋଗଦେଇ ଦଳର ଆଦର୍ଶକୁ ନେଇ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପନଗରପାଳ ଲିଲି ଭୋଳ, ଏନଏସି କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଲଳିତା ବିଶୋଇ, ଇଂ. ସୁଶାନ୍ତୀ ସିଂ, ଉର୍ମିଳା ଲେଙ୍କା, ଉର୍ମିଳା ସେଠୀ, ମକୁ ସିଂ, କପ୍ତିପଦା ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସରେନ, ଉଦଳା ବ୍ଲକ ଅଧ୍ୟକ୍ଷ ମଞ୍ଜୁଲତା ବିଶ୍ୱାଳ, ଉଦଳା ବ୍ଲକ ସଭାପତି ଗୋବିନ୍ଦ ନାୟକ, ଜିବି ନଗର ସଭାପତି ସତ୍ୟ ଉପାଧ୍ୟାୟ, ବରିଷ୍ଠ ସଦସ୍ୟ ପ୍ରବୀର ସାଏ, ସୁବାଷ ସେ, ସନାତନ ନାୟକ, ମାନସ ମହାରଣା, ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ସବିତା ହାଁସଦା, ବିଜୟା ବାରିକ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାବେଶରେ ଦୁଇ ହଜାରରୁ ଅଧିକ କର୍ମୀ ଯୋଗଦେଇଥିଲେ।



## ଜଙ୍ଗଲ ଭିତରୁ ମୃତଦେହ ଉଦ୍ଧାର

**ତୁରୁମୁଙ୍ଗା,୨୬।୧୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡଲଙ୍ଗ ଗାଁ ନିକଟ ଜଙ୍ଗଲ ଭିତରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛିଂ ମୃତକ ଗୋଡିପୋଖରୀ ଗାଁର ଚକ୍ରଧର ନାଏକ ବୋଲି ଜଣାପଡିଛି (୫୦) ଂ ଆଜି ସକାଳୁ କିଛି ଲୋକ ଜଙ୍ଗଲ ରାସ୍ତା ଦେଇ ଯାଉଥିବା ସମୟରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ମୃତ ବ୍ୟକ୍ତିଙ୍କ ଗୋଡ଼ରୁ ରକ୍ତ ବାହାରୁଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କେହି ତାଙ୍କୁ ହତ୍ୟା କରି ଜଙ୍ଗଲ ଭିତରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଗଜ ସାଥୀଙ୍କୁ ଉପକରଣ ବଣ୍ଟନ

**ଚମ୍ପୁଆ,୨୬।୧୨(ସମିସ):** ଚମ୍ପୁଆ ରେଞ୍ଜର ହାତୀଙ୍କ ଗତି ବିଧିକୁ ଲକ୍ଷ୍ୟ କରିବା ଏବଂ ଧନଜୀବନକୁ ସୁରକ୍ଷା ଦେବା ନିମନ୍ତେ ନିଯୁକ୍ତ ହୋଇଥିବା ତଥା ବିଭିନ୍ନ ଗ୍ରାମରେ କାର୍ଯ୍ୟ କରୁଥିବା ଗଜ ସାଥୀଙ୍କୁ ଚମ୍ପୁଆ ବନ ବିଭାଗ ପକ୍ଷରୁ ଉପକରଣ ବଣ୍ଟନ କରାଯାଇଛି। ଚମ୍ପୁଆ ରେଞ୍ଜରେ ପ୍ରାୟ ୬୦ ଜଣ ଗଜ ସାଥୀ କାର୍ଯ୍ୟ କରୁଛନ୍ତି। ଏହି ଗଜ ସାଥୀ ମାନେ ନିୟମିତ ଭାବେ ଗ୍ରାମ ମଧ୍ୟକୁ ପ୍ରବେଶ କରୁଥିବା ହାତୀ ପଲ ଉପରେ ନଜର ରଖିବା ସହିତ ବନ ବିଭାଗକୁ ତୁରନ୍ତ ସୂଚନା ଦେବା କାର୍ଯ୍ୟ କରି ଆସୁଛନ୍ତି। ଆଜି ବନ ବିଭାଗ ପକ୍ଷରୁ ଏହି କର୍ମଚାରୀଙ୍କୁ ଅତ୍ୟାବସକ ସାମଗ୍ରୀ ଜୋତା, ଡ୍ରେସ ଓ ଟର୍ଚ୍ଚ ପ୍ରଦାନ କରାଯାଇଛି। ରେଞ୍ଜର ଅକ୍ଷୟ ଛତ୍ରିୟାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ନଗେନ୍ଦ୍ର ଜେନା ଗଜ ସାଥୀ ମାନଙ୍କୁ ରେଞ୍ଜ କାର୍ଯ୍ୟାଳୟ ଠାରେ ଏହା ପ୍ରଦାନ କରିଛନ୍ତି।

## ତୁଳସୀ ପୂଜନ ଦିବସ

**ଘସିପୁରା,୨୬।୧୨(ସମିସ):** ଘସିପୁରା ବ୍ଲକ ସନାତନୀ ହିନ୍ଦୁ ସଂଗଠନ ପକ୍ଷରୁ ବିଭିନ୍ନ ଦେବାଦେବୀ ମନ୍ଦିର ଏବଂ ପରିବାରରେ ତୁଳସୀ ପୂଜନ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଅଳତି ଗ୍ରାମର ଗୋଭକ୍ତ ଦେବାନନ୍ଦ ମହାରଣାଙ୍କ ନେତୃତ୍ୱରେ ସାମୂହିକ ତୁଳସୀ ପୂଜନ ଆୟୋଜିତ ହୋଇଯାଇଛି। ଗ୍ରାମଦେବତୀଙ୍କ ପୀଠ ଏବଂ ଅନେକ ହିନ୍ଦୁ ପରିବାର ନିଜ ଅଗଣାରେ ଥିବା ତୁଳସୀ ଚଉରା ନିକଟରେ ଧୂପଦୀପ, ଭୋଗ ସହ ପୂଜା ପାଠ କରିଥିବା ବେଳେ ମନ୍ଦିର ନିକଟରେ ଅନୁଷ୍ଠିତ ସାମୂହିକ ପୂଜା କରି ବିଶ୍ୱର ମଙ୍ଗଳ କାମନା କରିଛନ୍ତି। ସନ୍ଧ୍ୟାରେ ଭାଗବତ ଚର୍ଚ୍ଚା ପରେ ନାମ ସଂକୀର୍ତ୍ତନ ଓ ତୁଳସୀ ମହାତ୍ମ୍ୟ ସମ୍ପର୍କରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି।

# ମରେଇଗାଁ-ବଳିପୁର ରାସ୍ତା ନିର୍ମାଣ ଦାବି

**ଛେନାପଦି,୨୬।୧୨(ସମିସ)**

ମରେଇଗାଁ ଛକ ଠାରୁ ସୁଦୂର ବଳିପୁର ଯାଏଁ ଲମ୍ବିଥିବା ୧୯ କି.ମି ବ୍ୟବଧାନର ରାସ୍ତାରେ ଗମନାଗମନ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ନିକଟରେ ଏହି ରାସ୍ତାର ପୁନଃଉଦ୍ଧାର ପାଇଁ ସରକାରୀ କଳରୁ ଅର୍ଥ ମଞ୍ଜୁର କରାଯାଇଥିଲେ ସୁଦ୍ଧା ତତ୍କାଳୀନ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ତାହା ଅସମ୍ପୂର୍ଣ୍ଣ ହୋଇ ଅଧାରେ ରହିଗଲା। ଯାହାକି ବର୍ତ୍ତମାନ ସ୍ଥାନୀୟ ବାସିନ୍ଦାଙ୍କ ଗମନାଗମନରେ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତାରେ ପ୍ରତିଦିନ ଟ୍ରାକ୍ଟର ସହ ଅନ୍ୟାନ୍ୟ ଭାରୀଯାନ ଯା'ଆସ କରୁଥିବାରୁ ପୂର୍ବ ଅପେକ୍ଷା ଏହି ରାସ୍ତାଟି ଏବେ ବଡ଼ ବଡ଼ ଖାଲଖମାରେ ପୂରିଯାଇ ପଥଚାରୀଙ୍କ ଯାତାୟାତରେ ବାଧା ଉପୁଜୁଛି। ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚିବା ସକାଶେ ଏହି ରାସ୍ତାଟି ନିକଟ ହେଉଥିବାରୁ ପଥଚାରୀମାନେ ଏହି ରାସ୍ତା ଉପରେ ନିର୍ଭର କରିଥା'ନ୍ତି। ଶୋଚନୀୟ ରାସ୍ତା ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଜରୁରୀକାଳୀନ ଯାନବାହନ ମଧ୍ୟ ଏବେ ଚଳାଚଳ ଠପ୍ ହୋଇପଡିଥିବା



ବେଳେ ସାଇକଲଟିଏ ମଧ୍ୟ ଯିବା ବିପଦସଙ୍କୁଳ ହୋଇପଡ଼ିଛି। ଶାଳଣିଆଁ ଅଞ୍ଚଳବାସୀଙ୍କ ସହ ବ୍ରାହ୍ମଣୀକଳା, ଅପସର, ଭୁତପଦା, ଇଞ୍ଜୋଳ, କ୍ଷେତୁଆଳି ଆଦି ଗ୍ରାମବାସୀଙ୍କ ପାଇଁ ରାସ୍ତାଟି ମୁଖ୍ୟ ଚଲାପଥ ହୋଇଥିବାରୁ ସେମାନେ ଏହି ରାସ୍ତାରେ ଦୈନନ୍ଦିନ ଗମନାଗମନ ପାଇଁ ନିର୍ଭର କରିଥା'ନ୍ତି। ଯାହାକି ବର୍ତ୍ତମାନ ପଥଚାରୀଙ୍କ ପାଇଁ ଯମଯନ୍ତ୍ରଣା ଠାରୁ ଅଧିକ କଷ୍ଟଦାୟକ ହୋଇପଡିଛି। ଜିଲ୍ଲା ପ୍ରଶାସନ ରାସ୍ତାର ଏଭଳି ଅବସ୍ଥା ପ୍ରତି ଦୃଷ୍ଟି ଦେଇ ଏହାକୁ ଗମନାଗମନ ଉପଯୋଗୀ କରାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ସରକାରୀ ଗୃହରେ ମାଡ଼ିଗଲାଣି ଲଟାବୁଦା



**ହାଟଡିହି,୨୬।୧୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତରେ ଥିବା ପଶୁ ନିରୀକ୍ଷକ କାର୍ଯ୍ୟାଳୟ ଓ ହଦଗଡ ବନ ବିଭାଗର ଗାର୍ଡ ଗୃହଗୁଡିକରେ ଲଟାବୁଦା ମାଡିଯିବା ସହ କାର୍ଯ୍ୟାଳୟ ଖୋଲାଯାଉନଥିବା ଜଣାପଡିଛି। ପଶୁ ନିରୀକ୍ଷକ ଗୃହ କିଛିଦିନ ତଳେ ପଞ୍ଚାୟତ ଅନୁଦାନରୁ ମରାମତି କରାଯାଇଥିଲା। କିନ୍ତୁ କାର୍ଯ୍ୟାଳୟଟି ଖୋଲାଯାଉନଥିବାରୁ ଗୃହଟି ଏବେ ଅସୁରକ୍ଷିତ ହେବାକୁ ବସିଲାଣି। ସେହିପରି ସେହି ପାଖରେ ବନ ବିଭାଗର ଗାର୍ଡ ଗୃହଟି ଖୋଲାଯାଉନଥିବାରୁ ସେ ଏବେ ନଷ୍ଟ ହେବାକୁ ଯାଉଛି। ତେବେ ଏଥିପାଇଁ ଦାୟୀ କିଏ ବୋଲି ଚର୍ଚ୍ଚା ହେଉଥିବା ବେଳେ ପ୍ରଶାସନର ଅପାରଗତା ପଦାରେ ପଡିଛି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟିଦେଇ କେଉଁ ପରିସ୍ଥିତିରେ ଗୃହଗୁଡିକ ଖୋଲାନଯାଇ ସରକାରୀ ଅନୁଦାନ ପାଣିରେ ପଡୁଛି ତଦନ୍ତ କରି ପଦକ୍ଷେପ ନନେଲେ ଆଗାମୀ ଦିନରେ ବହୁ ସରକାରୀ ଅନୁଦାନର ଗୃହ କାମରେ ନଲାଗି ଲକ୍ଷଲକ୍ଷ ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା ପାଇଛି।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ମହୋତ୍ସବ ଆରମ୍ଭ

**ଘସିପୁରା,୨୬।୧୨(ସମିସ):** ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ପ୍ରଶାସନ ପକ୍ଷରୁ ରାମଚନ୍ଦ୍ରପୁର ରାମେଶ୍ୱର ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବର ଶୁଭାରମ୍ଭ କରାଯାଇଛି। ହକି, ଖୋଖୋ, ଭଲି, କବାଡି ପ୍ରଭୃତି ଖେଳ ଏକା ସମୟରେ ଆରମ୍ଭ ହୋଇଥିବା ଜଣାପଡିଛି। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ବଛାବଛା ଖେଳାଳିଙ୍କୁ ନେଇ ବ୍ଲକ ସ୍ତରରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଜିଲ୍ଲାସ୍ତରକୁ ମନୋନୀତ



ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ବିଡିଓ ମାନସ ରଞ୍ଜନ ସାମଲ, ସମ୍ମାନୀତଅତିଥିଭାବେ ବ୍ଲକଅଧକ୍ଷା ସୁଜାତା ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଦିପକୁମାର ସାହୁ, ସମିତିସଭ୍ୟ ମନ୍ମଥକୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାମେଶ୍ୱର ଷ୍ଟାଡିୟମରେ କ୍ରିକେଟ ଖେଳ ଚାଲିଥିବା ବେଳେ ବ୍ଲକର ୧୦ଟି ଖେଳ ପଡିଆରେ କରାଯିବ ବୋଲି ବିଡିଓ ସୂଚନା ପ୍ରଦାନ କରିଥିଲେ। କ୍ରୀଡା ପରିଚାଳନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ କୁମାର ସାହୁ, ଚନ୍ଦ୍ରଭାନୁ ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରକାଶ ଟାଇସନ, ଗ୍ରାମରୋଜଗାର ସେବକ ଜଗନ୍ନାଥ ପାତ୍ର, ବସନ୍ତ ମାଝୀ, ଅଶୋକ ସାହୁ, ବିଏଫଟି ଭାଗିରଥି ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଜାନୁଆରୀ ୩୦ରୁ ଆନନ୍ଦପୁର ମହୋତ୍ସବ

**ଆନନ୍ଦପୁର, ୨୬।୧୨ (ସମିସ):** ବହୁ ପ୍ରତିକ୍ଷିତ ଆନନ୍ଦପୁର ମହୋତ୍ସବ ଆସନ୍ତା ଜାନୁଆରୀ ୩୦ ତାରିଖଠାରୁ ଫେବୃଆରୀ ମାସ ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ନିଷ୍ପତି ହୋଇଯାଇଛି। ଏହି ଉପଲକ୍ଷେ ଆନନ୍ଦପୁର ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ଆହୁତ ବୈଠକରେ ବିଧାୟକ ବଦ୍ରି ନାରାୟଣ ପାତ୍ର, ବିଧାୟକ ଭାଗୀରଥି ସେଠୀ ଓ ହାଟଡିହି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ଯୋଗ ଦେଇଥିଲେ। ଆନନ୍ଦପୁର, ଘସିପୁରା ଓ ହାଟଡିହି ବ୍ଲକର ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଚଳିତ ବର୍ଷ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ପୁଲିସ ଓ ପ୍ରଶାସନର ବ୍ୟସ୍ତତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ପରି ଚଳିତବର୍ଷ ମହୋତ୍ସବରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ୫ ଦିନ ପରିବର୍ତ୍ତେ ମହୋତ୍ସବକୁ ୪ ଦିନ ଓ ପୂର୍ବବର୍ଷ ଭଳି ଟିକଟ ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ଏଥିପାଇଁ ଆସନ୍ତା ୨ ତାରିଖ ଏକ ସାଧାରଣ ପରିଷଦ ବୈଠକ ଆହ୍ୱାନ କରାଯାଇ ବିଧିବଦ୍ଧ ଭାବେ ଚୂଡ଼ାନ୍ତ ନିଷ୍ପତି ନିଆଯିବ ବୋଲି ମହୋତ୍ସବ କମିଟି ଅଧକ୍ଷ ଶ୍ରୀ ମହାନ୍ତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଜିଲାପାଳ କିଶୋର କୁମାର ପଣ୍ଡା, ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଜିଲା ଯୁବ ଜନତା ଦଳ ସଭାପତି ରାକେଶ ରାମ, ଆନନ୍ଦପୁର ପ୍ରେସ ଫୋରମ ସଭାପତି ଉମେଶ ଚନ୍ଦ୍ର ପାଢ଼ି, ସମ୍ପାଦକ ନିର୍ମଳ ରାଉଳ, ଆନନ୍ଦପୁର ପ୍ରେସ କ୍ଲବ ସମ୍ପାଦକ ସନ୍ତୋଷ ରାଉତ, ସତ୍ୟସାଇ ସେବା ସଂଗଠନ ସେବାଦଳ ପ୍ରମୁଖ ନିତ୍ୟାନନ୍ଦ ସାମଲ, ଆଇନଜିବୀ ଶୈଳେଶ ପଟ୍ଟନାୟକ, ପୌରପାଳିକା ପ୍ରଗତି ସହାୟକ ସୁରେନ୍ଦ୍ର କୁମାର ମିଶ୍ର, ଆଇନଜିବୀ ବାଇଧର ସେଠୀ, ଭାଗୀରଥି ଦାଶଙ୍କ ସମେତ ଆନନ୍ଦପୁର ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବଣ୍ଟାହେଲା ଶ୍ରୀରାମଙ୍କ ଅକ୍ଷତ ଚାଉଳ

**ଚମ୍ପୁଆ, ୨୬।୧୨(ସମିସ):** ଚମ୍ପୁଆ ଶ୍ରୀରାମମନ୍ଦିର ଠାରେ ପୂଜାର୍ଚ୍ଚନା କରାଯାଇ ବ୍ଲକର ୨୨ ଗୋଟି ପଞ୍ଚାୟତ ଓ ଗୋଟିଏ ଏନସଏସିକୁ ଆସିଥିବା ଅକ୍ଷତ ଚାଉଳ ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅକ୍ଷତ ଚାଉଳ ଅଯୋଧ୍ୟାରୁ ଆସି ଚମ୍ପୁଆରେ ପହଞ୍ଚିବା ପରେ ଚମ୍ପୁଆ ଶ୍ରୀରାମ ମନ୍ଦିରରେ ରଖାଯାଇଥିଲା। ଆଜି ଯଥାରିତି ଯଜ୍ଞ କରାଯାଇ ଏହି ଅକ୍ଷତ ଚାଉଳକୁ ପଞ୍ଚାୟତ ଓ ଏନ୍‌ଏସି ପ୍ରତିନିଧିଙ୍କୁ କଳସରେ ଭର୍ତ୍ତି କରାଯାଇ ପ୍ରଦାନ କରାଯାଇଥିଲା। ସଭାପତି ହରିହର ଚୌଧୁରୀ ଓ ସଂପାଦକ ଦେବେନ୍ଦ୍ର ଗିରି, ସହ ସଂପାଦକ ଗୋବର୍ଦ୍ଧନ ମହାନ୍ତ ପ୍ରମୁଖ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଏହି ଅକ୍ଷତ ଚାଉଳ ପୂର୍ଣ୍ଣ କଳସ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଧରଣୀଧର ଦାସ, ଗଙ୍ଗାଧର କର, ଦୀପକ ସାହୁ, ସଞ୍ଜୟ ଗିରି, ରାଜେଶ ଆଚାର୍ଯ୍ୟ, ଦୁଷ୍ମନ୍ତ ମହାନ୍ତ, ବସନ୍ତ ମହାନ୍ତ, ରାଜୁ ସାହୁ ଏବଂ ରାମ ମନ୍ଦିର କମିଟି ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ପରିଚାଳନା କରିଥିଲେ।

## ରାତ୍ରୀକାଳୀନ ଆଶ୍ରୟ ସ୍ଥଳୀ ଖୋଲୁନି

**ଚମ୍ପୁଆ,୨୫।୧୨(ସମିସ):** ଚମ୍ପୁଆରେ ଦିନକୁ ଦିନ ଶୀତର ପ୍ରକଳ୍ପ ବଢିବାରେ ଲାଗିଛି। ପାରଦ ବର୍ତ୍ତମାନ ୧୪ ଡିଗ୍ରୀକୁ ଖସୁଥିବା ବେଳେ ଭୋର ସମୟରେ ଏହା ୧୦ରୁ ୧୧ ଡିଗ୍ରୀ ରହୁଛି। ହାଡ଼ଭଙ୍ଗା ଶୀତ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିପକାଉଥିଲେ ମଧ୍ୟ ଏନ୍‌ଏସି ପକ୍ଷରୁ ଆଜିପର୍ଯ୍ୟନ୍ତ ରାତ୍ରୀକାଳିନ ଆଶ୍ରୟସ୍ଥଳି ଖୋଲା ଯାଇନଥିବା ଦେଖିବାକୁ ମିଳିଛି। ଶୀତ ଦାଉରୁ ରକ୍ଷା ପାଇଁ ବୁଲା ଭିକାରୀ ଠାରୁ ଆମ୍ଭ କରି ରାତ୍ରୀକାଳିନ ବସ୍ ସେବାରେ ଯାତାୟତ କରୁଥିବା ଯାତ୍ରୀଙ୍କ ନିମନ୍ତେ ଏହାର ଆବଶ୍ୟକତା ଥିବା ବେଳେ ଅସହାୟମାନଙ୍କ ପାଇଁ ଏହା ଅତି ଆବଶ୍ୟକ ହୋଇପଡିଥାଏ। ତୁରନ୍ତ ଏକା ଖୋଲିବାକୁ ସାଧାରଣରେ ଦାବି ହୋଉଥିବା ବେଳେ ଏନ୍‌ଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କୁ ପଚାରିବାରୁ ଏନ୍‌ଏସି ସବୁବେଳେ ସାଧାରଣ ଲୋକଙ୍କ ହିତରେ କମ କରିଆସୁଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯାଇ ଦିନେ ୨ ଦିନ ମଧ୍ୟରେ ରାତ୍ରୀକାଳିତ ଆଶ୍ରୟ ସ୍ଥଳି ଧରଣୀଧର ନଗର ଭବନ ଠାରେ ଖୋଲାଯାଇ ସେବା ଯୋଗାଇ ଦିଆଯିବ।

## ଚାରିଗଡ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ



**ତେଲକୋଇ,୨୬।୧୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସ୍ଥିତ ଚାରିଗଡ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ନୂଆ ଓଡ଼ିଶା, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା ପକ୍ଷରୁ ଜନ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଏକ ଅଂଶବିଶେଷ। ଏହି ସଚେତନତା ରାଲି ମାଧମରେ ବାଲ୍ୟବିବାହ ଉଚ୍ଛେଦ, ପ୍ଲାଷ୍ଟିକ ମୁକ୍ତ ସମାଜ, ନାରୀ ସଶକ୍ତିକରଣ, ଶିଶୁ ଶୋଷଣ ନିରୋଧ ଉପରେ ପ୍ଲାକାର୍ଡ ଧରି ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିଥଲେ। ଏହି ଅବସରରେ ଆଜି ଉଭୟ +୨ ଓ+୩ ଛାତ୍ରଛାତ୍ରୀ ଖୁଣ୍ଟାପଡ଼ା ପଞ୍ଚାୟତ ଗୁଣ୍ଡୁରିଯୋଡା ଗାଁରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଅନିଲ କୁମାର ସାହୁ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକା ସହଯୋଗ କରିଥିଲେ।

## ଶୁଦ୍ଧିକ୍ରିୟା ପାଇଁ ସହାୟତା ପ୍ରଦାନ



**ପାଟଣା, ୨୬।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବଡପାଟଣା ପଞ୍ଚାୟତ କାମେଶ୍ୱରପୁର ଗ୍ରାମର ଚିଲ ନାଏକଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ଅନାଥ ଶିଶୁ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସମସ୍ୟା ମଧରେ ରହିଥିଲେ। ଖବର ପାଇ ବଡପାଟଣା ଗ୍ରାମ ପଞ୍ଚାୟତ ସରପଞ୍ଚ ବିନତୀ ବାନରା ଏବଂ ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ ପହଞ୍ଚି ଦୁଇ ଅନାଥ ଶିଶୁଙ୍କୁ ଭେଟି ଶୁଦ୍ଧି କ୍ରିୟା ପାଇଁ ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ଦୁଇ ଅନାଥ ଶିଶୁଙ୍କୁ ସରକାରୀ ଯୋଜନାରେ ଶିକ୍ଷାଦାନ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ସାଧାରଣ ରେ ଦାବି ହେଉଛି।

● ବଣିଆପଶି ମା'ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ପ୍ରଥମ ମ୍ୟାଚରେ ସୁକିନ୍ଦା ବିଜୟୀ

**ଘସିପୁରା,୨୬।୧୨(ସମିସ):** ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ଅନ୍ତର୍ଗତ ବଣିଆପଶି ଖେଳ ପଡିଆ ଠାରେ ଦଶମ ବାର୍ଷିକ ମା' ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଠାରୁ ଆରମ୍ଭ ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ସୁକିନ୍ଦା, ଯାଜପୁରରୋଡ, ଜାରକା, ଯୋଡାବର, ହାତିବାରୀ, ଯଖପୁରା, ରାଛିପୁର ଓ ନେଳିବାରୀ କ୍ରିକେଟ ଟିମ ଅଂଶ ଗ୍ରହଣ କରିଛନ୍ତି। ପ୍ରଥମ ଦିନ ଯୋଡ଼ାବର ଓ ସୁକିନ୍ଦା ମଧ୍ୟରେ ଖେଳ ଆରମ୍ଭ ହୋଇଥିଲା, ଯୋଡ଼ା ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୪୭ ରନ କରିଥିଲା। ଏହାର ଜବାବରେ ସୁକିନ୍ଦା ୧୭.୨ ଓଭରରେ ୪ ୱିକେଟ ହରାଇ ୧୪୮ ରନ କରି ବିଜୟୀ ହୋଇଥିଲା। ଦଳର ବିକ୍ରମ ଦାସ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଅମ୍ପାୟାର ଭାବେ କଳାକର ଘଡ଼େଇ ଓ ପ୍ରସନ୍ନ ଜେନା ଖେଳ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ଓ ସନ୍ତୋଷ ଘଡ଼େଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଅଶ୍ୱିନୀ ଜେନା ଓ ଦେବାଶିଷ ଦାସ ସ୍କୋର କାର୍ଯ୍ୟ ସମ୍ପାଦନ କରିଥିଲେ। ୩୧ ତାରିଖ ରବିବାର ଉକ୍ତ ଟୁର୍ଣ୍ଣାମେଣ୍ଟର ମେଗା ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଖେଳର ସମସ୍ତ କାର୍ଯ୍ୟକ୍ରମକୁ ମା' ମଙ୍ଗଳା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଓ ବଣିଆପଶି ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଆନନ୍ଦପୁର ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ଆନନ୍ଦପୁର, ୨୬।୧୨(ସମିସ):** ଆନନ୍ଦପୁର ମହାବିଦ୍ୟାଳୟରେ ନବୀନ ଓଡିଶା କାର୍ଯ୍ୟକ୍ରମ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଉଦଘାଟନ କରିଥିଲେ। ଆନନ୍ଦପୁର ଡାକ୍ତରଖାନା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଉଦୟ ଭାସ୍କର ପଣ୍ଡା ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ପରୀକ୍ଷା ନିରୀକ୍ଷା କରିବା ପରେ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଅନନ୍ତ ଚରଣ ମହାନ୍ତି, ପ୍ରଦୀପ କୁମାର ଧଳ, ରଘୁଦିପ୍ତୀ ନାୟକ, ମାୟାଧର ନାୟକ, ରଞ୍ଜନ କୁମାର ନାୟକ, ଦିବ୍ୟଲୋଚନ ସାହୁ, ଛାତ୍ରନେତା ଶୁଭ୍ରଜିତ ରାମ ସହଯୋଗ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ଲାଷ୍ଟିକ ମୁକ୍ତ ସଚେତନତା ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ଶ୍ରୀ ଉତ୍ତରେଶ୍ୱର ମନ୍ଦିରରେ ଉଦଯାପିତ ହୋଇଥିଲା। ପରେ ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ସଚେତନତା ସଭାରେ ଆଇଏମଏମଟିର ମୁଖ୍ୟ ଡ. ଉମାକାନ୍ତ ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଡ. ବିଜୟ କୁମାର କର, ଡ. ଶ୍ୟାମସୁନ୍ଦର ପଢିହାରୀ ଯୋଗ ଦେଇ ପ୍ଲାଷ୍ଟିକ ପ୍ରଦ୍ୟୁଷଣର ଭୟାବହତା ମାନବ ସମାଜ ପାଇଁ କ୍ଷତିକାରକ ବୋଲି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ଉପଦେଷ୍ଟା ଅଧ୍ୟାପକ ଶିବଚରଣ ବେହେରା, ପୁଷ୍ପଲତା ରାମ, ଡ. ଦିବ୍ୟଲୋଚନ ଭୁୟାଁ, ଭାରତୀ ସାହୁ, ଅନୀତା ଦାଶ, ସଂଘମିତ୍ରା ରାଉତ, ରତିକାନ୍ତ ଦାଶ, ଓଜେଲ ପଟ୍ଟନାୟକ, ମଧୁସ୍ମିତା ସାହୁ, ବିଶ୍ୱଜିତ ରାଉତ ପରିଚାଳନା କରିଥିଲେ।



## ବାଙ୍ଝିଡ଼ି ମା' ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଘସିପୁରା,୨୬।୧୨(ସମିସ):** ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ଅନ୍ତର୍ଗତ କମଳାଦେଇପୁର ଶାସନ, ବାଙ୍ଝିଡି ଖେଳପଡିଆ ଠାରେ ମା'ତାରିଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପଞ୍ଚଦଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ବେଲବାହାଲି ଏବଂ ଖଡ଼ିକାଶୁଳବାହାଲି ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବେଲବାହାଲି ଏକାଦକ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ଟି ୱିକେଟ ହରାଇ ମାତ୍ର ୬୪ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଖଡ଼ିକାଶୁଳବାହାଲୀ ୯ ଓଭର ଗୋଟିଏ ବଲରେ ଚାରି ୱିକେଟ ହରାଇ ୬୫ ରନ କରି ବିଜୟ ହାସଲ ସହ ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ ଗୁଡିକୁ ଅମୀୟ ରଞ୍ଜନ କର, କଳ୍ପତରୁ ମିଶ୍ର ଓ ରଜତ ପତି ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଘସିପୁରା ବ୍ଲକର ପୂର୍ବତନ ଅଧକ୍ଷ ତଥା ବିଜେଡି ଯୁବ ନେତା ଦେବାଶିଷ ପାତ୍ର ଏବଂ ଅନ୍ୟ ମାନଙ୍କ ମଧ୍ୟରେ ଗଡ଼ବାନ୍ଦଗୋଡା ପଞ୍ଚାୟତର ସମିତି ସଭ୍ୟ ବିଜୟ ଜେନା, ତରୁଆଁ ପଞ୍ଚାୟତର ଯୁବ ନେତା ଦିଲୀପ ବେହେରା, ବାଟୋ ପଞ୍ଚାୟତର ଯୁବ ନେତା ସୁନୀଲ ଭୋଇ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମା' ତାରିଣୀ କ୍ଲବ ତରଫରୁ ଶୁଭେନ୍ଦୁ, ଦେବଦତ୍ତ, ପବିତ୍ର, ତପୁ, ଶିବୁ, ଦେବୁ, ଚଗୁଲୁ ପ୍ରମୁଖ ଅନ୍ୟାନ୍ୟ ସଦସ୍ୟ ମାନେ ସକ୍ରିୟ ସହଯୋଗ କରିଥିଲେ।



ତରତରା ଫୁଟବଲ ଟୁର୍ଣ୍ଣାମେଣ୍ଟ

## କୁଚିଣ୍ଡାକୁ ହରାଇ ଫାଇନାଲରେ ଭୁବନେଶ୍ୱର



**ଆନନ୍ଦପୁର ୨୬।୧୨ (ସମିସ):** ଆନନ୍ଦପୁର ବ୍ଲକର ତରତରାଠାରେ ଚାଲିଥିବା ୨୪ ତମ ଆନ୍ତଃରାଜ୍ୟ ମା' ତାରିଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ କୁଚିଣ୍ଡା ଫୁଟବଲ କ୍ଲବକୁ୨-୦ ଗୋଲରେ ହରାଇ ଭୁବନେଶ୍ୱରର ଜଗା ୟୁନାଇଟେଡ୍ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟିର ସୁବ୍ରତ ସାମଲଙ୍କ ତତ୍ତ୍ୱାବଧାନରେ ଆଜିର ମ୍ୟାଚରେ ସମ୍ମାନିତ ଅତିଥି ଭାବେ ହାଟଡିହି ପଞ୍ଚାୟତ ସମିତି ଅଧକ୍ଷା ସାବିତ୍ରୀ ସେଠୀ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚକୁ ରେଫରି ରତ୍ନାକର ବାରିକ, ପ୍ରଶନ୍ନ କୁମାର ନାୟକ, ସେକ୍ ମୋକିମ ଓ ମାନସ କୁମାର ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ମୃତିରାଜ ନାଇକ, ସୁନିଲ ସାମଲ, ସତ୍ୟବ୍ରତ ନାୟକ, ସୁଶୀଲ ସାମଲ, ରାକେଶ ସାମଲ, ପ୍ରିୟବ୍ରତ ନାୟକ, ସତ୍ୟସ୍ୱରୂପ ସାମଲ, ଜନ୍ମେଜୟ ବାରିକ, ସୁରେନ୍ଦ୍ର ନାୟକ, ବସନ୍ତ ଜେନା, ସୁଶାନ୍ତ ସାମଲ, ସୁରେଶ ଧଳ, ଲୁଲୁ ସାମଲ, ଗୟାଧର ଧଳ, ମନ୍ଦର ଜେନା, ବୁବୁ ନାୟକ, ଟୁଂବୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସିଲଭର ଜୁବୁଲି

**ହାଟଡିହି, ୨୬।୧୨(ସମିସ):** କେନ୍ଦୁଝର ଜିଲା ହାଟଡିହି ବ୍ଲକର ହଦଗଡ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ର ୧୯୯୧-୯୮ ବ୍ୟାଚ୍ ଛାତ୍ରଛାତ୍ରିଙ୍କ ସିଲିଭିର ଜୁବୁଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପି. ମଣିକଣ୍ଠନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଲୋକସଭା ଉପସଚିବ ତଥା ଜାତୀୟ ଫ୍ୟାସନ ଟେକ୍ନୋଲୋଜିର ଉପନିର୍ଦ୍ଦେଶକ ଅଜିତ କୁମାର ସାହୁ, ପୂର୍ବତନ ଅଧକ୍ଷ କୃଷ୍ଣଚନ୍ଦ୍ର ଦାଶ, ବରିଷ୍ଠ ପ୍ରଧାପକ ଡ. ରାଜେନ୍ଦ୍ର ଧଳ, ପୂର୍ବତନ ଅଧାପକ ସୁବାସଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସୁଧାଂଶୁ ଦକ୍ଷିଣ ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡାକ୍ତରୀ ପଢିବା ପାଇଁ ଚୟନ ହୋଇଥିବା ୭ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ର ସତ୍ୟ ସୁତାରଙ୍କ ପକ୍ଷରୁ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ବିଦ୍ୟାଧର ବେହେରା ମଞ୍ଚ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ମଦନ ମୋହନ ଦାସ, ଅଜିତ କୁମାର ନାଇକ, ବିଦ୍ୟାଧର ପାତ୍ର, ସତ୍ୟବତି ନାୟକ, ମହେଶ୍ୱର ସେଠୀ, ସୁରେଶ୍ୱର ମହାକୁଡ, ସଞ୍ଜୟ ଦେହୁରୀ, ନମିତା ପଟ୍ଟନାୟକ, ଲାହିତରାଣୀ ନାଇକ, ଅନନ୍ତ ଚରଣ ଦାଶ, ତପସ୍ୱିନୀ ମହାନ୍ତ, ରାଜଶ୍ରୀ ଗାଗରାଇ, ମିନାକ୍ଷୀ ବେହେରା, ବେଦମତୀ ନାଇକ, ନୀଳାଦ୍ରି ନାଇକଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ ଓ ପରିଚାଳନା କରିଥିଲେ।



## ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ

# ସାଧାରଣ ଲୋକଙ୍କର ବିଶ୍ୱାସ ପାଲଟିଛନ୍ତି ନବୀନ

**କେନ୍ଦୁଝର,୨୬।୧୨(ସମିସ)**

କେନ୍ଦୁଝର ଜିଲ୍ଲାର ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଯୋଗୀମଠଠାରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସକାଳୁ କେନ୍ଦୁଝର ସହରର ଥାନା ଛକରେ ସ୍ଥାପିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ପ୍ରତିମୂର୍ତ୍ତୀରେ ବିଜେଡିର ବହୁ ନେତା ମାଲ୍ୟାର୍ପଣ କରିଥିଲେ । ପରେପରେ ଯୋଗୀମଠଠାରେ କେନ୍ଦୁଝର ନିର୍ବାଚନ ମଣ୍ଡଳି ସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ବିଭିନ୍ନ ସ୍ଥାନ ତଥା ଶିକ୍ଷାନୁଷ୍ଠାନରୁ ଆସିଥିବା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଜେଡିର ଜିଲ୍ଲା ସଭାପତି ମାଧବ












ସର୍ଦ୍ଧାର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଦଳର ନେତା ଓ କର୍ମୀମାନେ ସତ୍ୟପାଠ କରିଥିଲେ । ମଞ୍ଚରେ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଏସ୍‌ଡିସି ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ସଦର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମହମ୍ମଦ ମୋକିମ, ପୂର୍ବତନ ନଗରପାଳ ମୀନା ମାଝୀ, କେନ୍ଦୁଝରଗଡ ପୌରପାଳିକାର ଉପନଗରପାଳ ବରଦା ପ୍ରସନ୍ନ ଦାଶ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ଝୁମ୍ପୁରା ବ୍ଲକର କପିଲ ଅନସାରୀ, ସଦର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ, ବିଜେଡି ନେତ୍ରୀ ମାଳତୀ ନାଏକ, ଏସ୍‌ସି ସେଲ ଜିଲ୍ଲା ସଭାପତି ଭରତ ଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଲୀଳାବତୀ ମହାନ୍ତ, ରଥ ମୁଣ୍ଡା, ବିଜେଡି ନେତା ଖିରୋଦିନୀ ମହାକୁଡ, ସମ୍ବାରୀ ମୁର୍ମୁ, ବିଜେଡି ନେତା ଅରୁଣ ବାରିକ, ବିଜେଡି ନେତ୍ରୀ ସୁରଥୀ ଘଣା, ବିଜେଡି ନେତ୍ରୀ ସସ୍ମିତା ସିଂ, ବିଜେଡି ଜିଲ୍ଲା ଉପସଭାପତି ପ୍ରମୋଦ ପଟ୍ଟନାୟକ,ବରିଷ୍ଠ ବିଜେଡି ନେତା ଜଗନ୍ନାଥ ସିଂ, ଯୁବବିଜେଡି ନେତା ଜଗଦ୍ଦୀଶ ଆପଟ୍ଟ ପ୍ରମୁଖଙ୍କ ସମେତ କାର୍ଯ୍ୟକ୍ରମରେ ୩ ହଜାରରୁ ଅଧିକ ବିଜେଡି କର୍ମୀ ଏବଂ ଦଳୀୟ ନେତା ଉପସ୍ଥିତ ଥିଲେ ।

**ଆନନ୍ଦପୁର/ଘସିପୁରା:** ଆନନ୍ଦପୁର ବ୍ଲକ୍‌ର କୋଳିମାଟି ଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଘସିପୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ତରଫରୁ ଆୟୋଜିତ କର୍ମୀ ସମ୍ମିଳନୀରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଦଳୀୟ କାର୍ଯ୍ୟକ୍ରମ ଏବଂ ନବୀନ ବାବୁଙ୍କ ଜନହିତକର ଯୋଜନା ସମୂହକୁ ସମାଜର ନିମ୍ନତମ ସୋପାନରେ ଥିବା ବ୍ୟକ୍ତି ପାଖରେ ପହଞ୍ଚାଇବାକୁ ଉପସ୍ଥିତ ଦଳୀୟ କର୍ମୀବୃନ୍ଦଙ୍କୁ ନିବେଦନ କରିଥିଲେ । ପ୍ରାୟ ଚାରି ହଜାର କର୍ମୀଙ୍କ ଉପସ୍ଥିତିରେ ହୋଇଯାଇଥିବା ଏହି ସମ୍ମିଳନୀରେ ଘଟଗାଁ, ଘସିପୁରା ବ୍ଲକ୍ ଦ୍ୱୟର ଅଧ୍ୟକ୍ଷ ଯଥାକ୍ରମେ ଗୀତାଞ୍ଜଳୀ ନାଏକ ଓ ସୁଜାତା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ଯେନା, ମଧୁସ୍ମିତା ଦାସ, ସୁରେନ୍ଦ୍ର ଜେନା, ବିଜେଡ଼ିର ଘଟଗାଁ ବ୍ଲକ୍ ସଭାପତି ଦୋଳଗୋବିନ୍ଦ ବେହେରା, ବିଶିଷ୍ଟ ଯୁବନେତା ଶେଖ୍ ଇମ୍ରାନ୍, ବରିଷ୍ଠ ନେତା ଜନାବ୍ ତାହୀର୍, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନନ୍ଦକିଶୋର ବେହେରା, ଘଟଗାଁ ବ୍ଲକ୍ ଉପାଧ୍ୟକ୍ଷ ଯଦୁମଣି ନାଏକ, ବରିଷ୍ଠ ନେତା ଗୋପୀନାଥ ସ୍ୱାଇଁ, ସିକନ୍ ପାଢ଼ୀ, ଫକୀରମୋହନ ସାହୁ, ପରେଶ୍ କୁଅଁରଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏଥିରେ ଯୋଗଦେଇଥିଲେ ।

**ହାଟଡ଼ିହି:** ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବଡ଼ରମ୍ପାସ ପଞ୍ଚାୟତ ନିକଟରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଧାୟକ ଭାଗୀରଥି ସେଠୀଙ୍କ ଅଧ୍ୟକ୍ଷତା ଓ ବଡ଼ରମ୍ପାସ ସରପଞ୍ଚ ରବିନ୍ଦ୍ର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲା ପରିଷଦ ସଦସ୍ୟା ସୁକାନ୍ତି ଜେନା, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ବ୍ଲକ ଯୁବ ବିଜେଡି ସଭାପତି ତଥା ସରପଞ୍ଚ ଚିନ୍ମୟ ନାୟକ, ହାଟଡିହି ବ୍ଲକ ସଭାପତି ସୁରେନ୍ଦ୍ର ଜେନା, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଅମରେନ୍ଦ୍ର ଧଳ, ରବି ସାହୁ, ନାରାୟଣ ଜେନା, ବିଶ୍ୱନାଥ ନାୟକ ପ୍ରମୁଖ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ । ପରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଏଲ୍‌ଇଡି ମାଧ୍ୟମରେ ଉପସ୍ଥିତ ଥିବା ହଜାର ହଜାର ଲୋକଙ୍କ ପାଇଁ ପ୍ରଦର୍ଶନ କରାଯାଇଥିଲା । ଏହି ପ୍ରତିଷ୍ଠା ଦିବସରେ ସରକାରଙ୍କ ସ୍ୱଚ୍ଛ ଶାସନ ଓ ବିକାଶ ଧାରାକୁ ସାଧାରଣ ଲୋକଙ୍କ ପହଞ୍ଚାଇବାକୁ କର୍ମୀଙ୍କ ପରାମର୍ଶ ଦିଆଯାଇଥିଲା । ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗରିବଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରି ବିଭିନ୍ନ ଯୋଜନା ମାନ କରିଛନ୍ତି । ଯାହାକି ତାଙ୍କୁ ସାଧାରଣ ଗରିବ ଲୋକଙ୍କ ବିଶ୍ୱାସ ଓ ପ୍ରିୟପାତ୍ର କରିପାରିଛି । ଜଣେ ଅଦ୍ୱିତୀୟ ନେତା ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଅନ୍ୟପକ୍ଷରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିକାଶକୁ ତ୍ୱରାନ୍ୱିତ କରାଯାଉଥିବା ଅତିଥି ମାନେ ନିଜର ମତବ୍ୟକ୍ତ କରିଥିଲେ । ଏଥିରେ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସ୍ତରୀୟ ପ୍ରତିନିଧି, ଦଳର ବିଭିନ୍ନ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ସରପଞ୍ଚ ଅଜିତ ରାଉତ, ସରପଞ୍ଚ ରମାକାନ୍ତ ନାୟକ, ସରପଞ୍ଚ ଅନ୍ତର୍ଯ୍ୟାମୀ ଖଣ୍ଡେଇ, ସରପଞ୍ଚ ଜଗବନ୍ଧୁ କାଣ୍ଡି ପ୍ରମୁଖ ବହୁ ନିର୍ବାଚିତ ପ୍ରତିନିଧି ଓ ବରିଷ୍ଠ କର୍ମୀ ଉପସ୍ଥିତ ରହିଥିଲେ ।

**ପାଟଣା/ତୁରୁମୁଙ୍ଗା:** ପାଟଣା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସହାରପଡା ବ୍ଲକ ବଡ଼ବିଲ ଠାରେ ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକଙ୍କ ପ୍ରତ୍ୟେକ ତତ୍ତ୍ୱାଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାଟଣା ନିର୍ବାଚନ ମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଡାକ୍ତର ହରିଶ ଚୌଧୁରୀ, କେସିସି ସଭାପତି ତଥା ପାଟଣା ନିର୍ବାଚନ ମଣ୍ଡଳୀ ବିଜେଡି ସଂଯୋଜକ କାନନ ବିହାରୀ ପହି, ଜିଲ୍ଲା ମହିଳା ଜନତା ଦଳ ସଭାନେତ୍ରୀ ରମଣୀ ନାଏକ, ବରିଷ୍ଠ ବିଜେଡି ନେତା ଭାବାନୀ ଶଙ୍କର ନାଏକ, ରାହାସ ବିହାରୀ ପୃଷ୍ଟି, ଜିଲ୍ଲା କୃଷକ ସେଲ ସଭାପତି ଦୀପକ ରାଜ, ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ, ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ରୁନୁ ମହାନ୍ତ, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ସଭାପତି ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଜେପି ଓ କଂଗ୍ରେସ ଦଳ ଛାଡି ଅନେକ ନେତା ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ବିଜେଡି ନେତା ମିତ୍ରଭାନୁ ମହାନ୍ତ, ଉତ୍ତର ଓଡ଼ିଶା ଯୁବ ବିଜେଡି ସାଧାରଣ ସମ୍ପାଦକ ଦୀପକ ମଣ୍ଡଳ, ଜିଲ୍ଲା ଯୁବ ବିଜେଡି ଉପ ସଭାପତି ହିମାଂଶୁ ଶେଖର ବେହେରା, ଜିଲ୍ଲା ଛାତ୍ର ବିଜେଡି ଉପ ସଭାପତି ବିପ୍ଳବ କୁମାର ପୃଷ୍ଟି, ସାହାରପଡା ବ୍ଲକ ଯୁବ ସଭାପତି ସତ୍ୟ ନାରାୟଣ ପଣ୍ଡା, ଝୁମ୍ପୁରା ବ୍ଲକ ଯୁବ ସଭାପତି କୁନା ଗିରି, ପାଟଣା ବ୍ଲକ ଯୁବ ସଭାପତି ରଘୁବର ମହାନ୍ତ, ଛାତ୍ର ସଭାପତି ଭବାନୀ ଶଙ୍କର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ ।

**ତେଲକୋଇ:** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଦର ମହକୁମା ପୁରୁଣା ବସଷ୍ଟାଣ୍ଡ ଠାରେ ଆଜି ନିର୍ବାଚନ ମଣ୍ଡଳୀସ୍ତରୀୟ ୨୭ତମ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ଉତ୍ସବ ପାଳିତ ହୋଇଯାଇଛି । ଏହାକୁ ତେଲକୋଇ ନିର୍ବାଚନ ମଣ୍ଡଳୀର ତେଲକୋଇ, ବାଂଶପାଳ ଓ ହରିଚନ୍ଦନପୁର୍ ବ୍ଲକର ସଭାପତି ଏବଂ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହା ସହିତ ତେଲକୋଇ ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ସଂଯୋଜକ ଲଳିତ ମୋହନ ପ୍ରଧାନ ଏହି ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ କର୍ମୀଙ୍କୁ ଜଣେ ଶୃଙ୍ଖଳିତ ସଦସ୍ୟ ହୋଇରହିବା ସହିତ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ବିକାଶକୁ ଉଚ୍ଚତର ସୋପାନକୁ ନେବା ପାଇଁ ସୈନିକ ହିସାବରେ ଯୋଗ ଦେଇ ଓଡ଼ିଶାର ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ସଂଗ୍ରାମ କରିବାକୁ ମତପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ବିରଞ୍ଚି କୁମାର ବେହେରା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ତେଲକୋଇ ବ୍ଲକ ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ହରିଚନ୍ଦନପୁର ବ୍ଲକ ସଭାପତି ପାଦମ୍ମଜ ସାହୁ, ବାଂଶପାଳ ବ୍ଲକ ସଭାପତି ଯଦୁମଣି ଠାକୁର, ଜିଲ୍ଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର କିଶନ, ମାଇଁନ ସୋରେନ, ଶାନ୍ତିଲତା ରଣା, ଅରୁଣ କୁମାର ବାରିକ, ତେଲକୋଇ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ବାଂସପାଳ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ହରିଚନ୍ଦନପୁର ବ୍ଲକ ଅଧ୍ୟକ୍ଷ ସୁନେଲି ଦେହୁରୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବାବୁଲି ବିନ୍ଧାଣି, ବିଧାୟକ ପ୍ରତିନିଧି ଅମର କୁଅଁର, ତେଲକୋଇ ବ୍ଲକ ମହିଳା ସଭାପତି ପୁଷ୍ପାଞ୍ଜଳି ଆପର୍ଟ, ବଂଶପାଳ ମହିଳା ସଭାପତି ଲକ୍ଷ୍ମୀ ସଏ, ହରିଚନ୍ଦନ ପୁର ସଭାପତି ସଂଯୁକ୍ତା ନାୟକ, ସାଂସଦଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ଯୁବ ସଭାପତି ଉପସ୍ଥିତ ରହିଥିଲେ ।

## ଡାକ୍ତରଖାନା ସଫେଇ ଓ ରୋଗୀଙ୍କୁ ଫଳବଣ୍ଟନ

**ଆନନ୍ଦପୁର:** ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଓ ଦଳୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ ଜନତା ଦଳ ସଭାପତି ରାକେଶ କୁମାର ରାମଙ୍କ ସଂଯୋଜନାରେ କଚେରୀ ଛକଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ପୁଷ୍ପମାଲ୍ୟ ଅର୍ପଣ ମିଷ୍ଟାନ୍ନ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ହାଟଡିହି ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଆନନ୍ଦପୁର ସଭାପତି ସୁଶୀଲ ହୋତା, ପୌର ଉପାଧ୍ୟକ୍ଷ ଦୁର୍ଗା ଚରଣ ଦଳେଇ, ଜିଲା ଯୁବ ଜନତା ସାଧାରଣ ସମ୍ପାଦକ ସତ୍ୟବ୍ରତ ରାମ, ଛାତ୍ର ସଭାପତି ଶୁଭ୍ରଜିତ ରାମ, ରମାକାନ୍ତ ବେହେରା, ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ଅଂଜନା ବାରିକ, ଆରତି ସି, ମମତାରାଣୀ ଜେନା, ମଣିଲତା ରାମ, ଆଇନଜିବୀ ବାଇଧର ସେଠୀ, ସପନ ବେହେରା, ଦେବାଶିଷ ରାମ, ମନୋଜ ପାତ୍ର, ମନୋଜ କୁମାର ସିଂ, ଚଗୁଲୁ ସିଂ, ବିଶ୍ୱଜିତ ସିଂ, ହରିହର ସାହୁ, ରାମଚନ୍ଦ୍ର ପଲେଇ, ବଳରାମ ସାହୁ, ମନ ସାହୁ, ଜିଲା ପରିଷଦ ସଦସ୍ୟ ଜିତେନ୍ଦ୍ରିୟ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତ୍ୟୁଷରୁ ଆନନ୍ଦପୁର ଡାକ୍ତରଖାନା ପରିସର ସଫେଇ ଓ ରୋଗୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବନେତା ଆଶିଷ ବେହେରା, ମନୋରଞ୍ଜନ ସାହୁ, ଅଜୟ ସାହୁ, ପ୍ରକାଶ ସାହୁ, ନିରଞ୍ଜନ ସାହୁ, ଖଗେଶ୍ୱର ମହାକୁଡ, ସୌମ୍ୟରଞ୍ଜନ ସାହୁ, ନିରଞ୍ଜନ ସାହୁ, ସିପୁନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।



## ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ

**ଆନନ୍ଦପୁର:** ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ବିଜେଡି ଯୁବନେତା ଇଂ. ବିଶ୍ୱନାଥ ପ୍ରତାପ ଜେନା ନେତୃତ୍ୱରେ ବିଜୁ କର୍ମୀମାନେ ଆନନ୍ଦପୁର ନଗର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରଥିଲେ । ଏଥିରେ ଦେବରଞ୍ଜନ ସାହୁ, ସତ୍ୟାନନ୍ଦ ମିଶ୍ର, ରାମଚନ୍ଦ୍ର ପଲେଇ, ଛାବୁଲି ଧଳ, ଆଶିଷ ପଟ୍ଟନାୟକ, ରବିନାରାୟଣ ହୋତା, ନିରଞ୍ଜନ ଜେନା, ରଞ୍ଜନ ଜେନା, ମଦନ ବାରିକ, ରବୀନ୍ଦ୍ର କୁମାର ପାତ୍ର, ରବୀନ୍ଦ୍ର କୁମାର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ ।



# ପରିତ୍ୟକ୍ତ ଅବସ୍ଥାରେ ଯାତ୍ରୀ ପ୍ରତୀକ୍ଷାଳୟ

**ଛେନାପଦି,୨୬।୧୨(ସମିସ):** ହାଟଡ଼ିହି ବ୍ଲକ୍ ଅନ୍ତର୍ଗତ ଢ଼େଙ୍କା ଛକରେ ଥିବା ଯାତ୍ରୀ ପ୍ରତିକ୍ଷାଳୟ ଗୃହଟି ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଦେଖାଯାଇଛି । ଯାହା ଫଳରେ ସେହି ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଯାନବାହନକୁ ଅପେକ୍ଷା କରି ରହୁଥିବା ଯାତ୍ରୀମାନେ ସେହି ଗୃହର କଦର୍ଯ୍ୟାତ୍ମକ ପରିବେଶକୁ ଦେଖିବା ମାତ୍ରେ ମୁହଁ ଫେରାଇ ନେଉଛନ୍ତି । ପ୍ରକାଶ ଥାଉକି, ଏହି ଢେଙ୍କା ଛକଟି ହାଟଡ଼ିହି ବ୍ଲକ୍‌ର ଏକ ପ୍ରମୁଖ ଛକ ହୋଇଥିବା ବେଳେ, ଏହି ଛକ ଦେଇ ହଦଗଡ଼ ସ୍ଥିତ ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ସାଳନ୍ଦୀ ଡ୍ୟାମ, ଜବାହର ନବୋଦୟ ବିଦ୍ୟାଳୟ ଏବଂ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଲୋକେ ଯାଇଥା'ନ୍ତି । ଏହିପରି କେନ୍ଦୁଝର, ବାଲେଶ୍ୱର, କଟକ, ଭୁବନେଶ୍ୱର, କରଞ୍ଜିଆ, ରାଉରକେଲା ଭଳି ପ୍ରମୁଖ ସହରମାନଙ୍କୁ ଯିବା ପାଇଁ ଯାତ୍ରୀମାନେ ଏହି ଛକରୁ ବସ୍‌କୁ ଅପେକ୍ଷା କରି ଲୋକେ ଏଣେତେଣେ ଜଗି ରହୁଥିବା ବେଳେ କେତେକ ଯାତ୍ରୀ ଗଛମୂଳରେ ବସି ଗନ୍ତବ୍ୟପଥର ଯାନକୁ ଅପେକ୍ଷା କରିଥା'ନ୍ତି । ଦୁର୍ଭାଗ୍ୟର ବିଷୟ ଏଠାରେ ଯାତ୍ରୀ ପ୍ରତିକ୍ଷାଳୟ ଥାଇ ସୁଦ୍ଧା ଏହା କାମରେ ଲାଗୁନି । ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଏଭଳି ପରିତ୍ୟକ୍ତ ଯାତ୍ରୀ ପ୍ରତିକ୍ଷାଳୟକୁ କର୍ମଉପଯୋଗୀ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।




# ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

**ଆନନ୍ଦପୁର, ୨୬।୧୨(ସମିସ):** ଘସିପୁରା ବ୍ଲକର ସାଇଁକୁଳ ହିଙ୍ଗୁଳା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ହେବାକୁ ଥିବା ଚଳିତ ବର୍ଷର ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ କ୍ରୀଡ଼ାବିତ ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାଇଁକୁଳ ଓ ଏହାର ଆଖପାଖ ଅଞ୍ଚଳରୁ ମାନ୍ୟଗଣ୍ୟ ବ୍ୟକ୍ତି, କ୍ରୀଡ଼ାବିତ, କ୍ରୀଡ଼ାପ୍ରେମୀ ଓ ବରିଷ୍ଠ ନାଗରିକମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ଜାନୁଆରୀ ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଜାତୀୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଜାତୀୟସ୍ତରର ସୁନାମଧନ୍ୟ ଖେଳାଳୀମାନଙ୍କୁ ସାମିଲ କରାଯିବାକୁ ବୈଠକରେ ନିଷ୍ପତି ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଭଦ୍ରକ ବାଦଲ ଏକାଡେମୀ, ଜଗା ୟୁନାଇଟେଡ କଟକ, ବାରିପଦା ସ୍ପୋର୍ଟସ ହଷ୍ଟେଲ, ଖଡକପୁର ଏମ୍‌ଏଫ୍‌ସି, ପତାକା ଅନୁଗୋଳ, ୟଙ୍ଗ ଉତ୍କଳ କଟକ, ସୋଦେପୁର କ୍ଲବ କୋଲକାତା, କୁଚିଣ୍ଡା ଫୁଟବଲ ଦଳ ଯୋଗ ଦେବାର ଚୁଡ଼ାନ୍ତ ନିଷ୍ପତି ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିଭାସ ନାୟକ, ଆସୋସିଏସନର ବରିଷ୍ଠ କର୍ମକର୍ତ୍ତା ବିପିନ ବିହାରୀ ମହାନ୍ତି, ସମ୍ପାଦକ ମାର୍କଣ୍ଡ ସାମଲ, ଗୋପୀନାଥ ସ୍ୱାଇଁ, ବିଜୟ କୁମାର ଜେନା, ନନ୍ଦକିଶୋର ବେହେରା, ତ୍ରିଲୋଚନ ପରିଡା, ଶତ୍ରୁଘ୍ନ ବେହେରା, ବିନୋଦ ଜେନା, ସୁରଥ ପାଢୀ, ରଙ୍ଗାଧର ସାହୁ, ଆନନ୍ଦ ନାୟକ, ବିପିନି ବିହାରୀ ଚକ୍ର, ଚନ୍ଦ୍ରଶେଖର ବେହେରା, ପ୍ରଭାକର ପରିଡା, ସାରଥୀ ପରିଡା, ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ପରବର୍ତ୍ତୀ ବୈଠକ ୨୪ ତାରିଖରେ ହେବାକୁ ନିଷ୍ପତି ହୋଇଥିବା ଜଣାଯାଇଛି ।

# ଜିଲ୍ଲାସ୍ତରୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ

ଆନନ୍ଦପୁର, ୨୬।୧୨(ସମିସ): ଘସିପୁରା ଝାଡେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟା କେନ୍ଦୁଝର ଜିଲ୍ଲାର ୪୦ତମ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛ । ଜିଲ୍ଲା ସଭାପତି ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ମୁଖ୍ୟବକ୍ତା ବିଜେପି ନେତା ଭଗବାନ ସାହୁ, ସମ୍ମାନୀତ ଅତିଥି ଭାବେ ଇଂ. ବସନ୍ତ କୁମାର ଦାନି, ସ୍ୱପ୍ନେଶ୍ୱର ସାହୁ, ଚିନ୍ତାମଣି ଜେନା, ଶାନ୍ତନୁ କୁମାର ମିଶ୍ର, କ୍ଷୀରୋଦ କୁମାର ରାଉତ, କାହ୍ନୁଚରଣ ସାମଲ, ଭିକାରୀ ଚରଣ ସାହୁଙ୍କ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ସଂପାଦକ ପ୍ରଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜ୍ଞାନେନ୍ଦ୍ର ଦେଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶିର କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଝାଡେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଘଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କେନ୍ଦୁଝର ଓଷ୍ଟାର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ହଜାରୀ ସଂଯୋଜନା କରିଥିଲେ । ପୂର୍ବତନ ଘସିପୁରା ବିଇଓ ଶରତ କୁମାର ରାଉତ, ଓଷ୍ଟା ଜିଲ୍ଲା ପୂର୍ବତନ ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ଅତିଥିଗଣ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଥିଲେ । ଓଷ୍ଟାର ଜିଲ୍ଲାସ୍ତରୀୟ ଉତ୍ସବରେ କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକର ବିଭିନ୍ନ ବ୍ଲକରୁ ୨୬୦ ଜଣ ପ୍ରତିଯୋଗୀ ବିଭିନ୍ନ ବିଭାଗର ୧୦ ଗୋଟି ପ୍ରତିଯୋଗିତାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ, ନିରାକର ମହାପାତ୍ର, ନବଘନ ନାୟକ, ଅନିରୁଦ୍ଧ ସେଠୀ, ଶାନ୍ତନୁ ମିଶ୍ର ଜଗବନ୍ଧୁ ମହାନ୍ତ, କାହ୍ନୁଚରଣ ସାମଲ, ପୁଷ୍ପାଞ୍ଜଳି ମିଶ୍ର, ଯୁଧିଷ୍ଠିର ମହାନ୍ତ, ଲକ୍ଷ୍ମୀ ମହାନ୍ତ, ବଳଭଦ୍ର ମିଶ୍ର, ବିଜୟ କୁମାର ସୁର ପ୍ରମୁଖ ପରିଚାଳନା କରିଥିଲେ ।

# ଗୋନାସିକା ମହୋତ୍ସବରେ ବୀଣାପାଣି କଳାକାର

**ଆନନ୍ଦପୁର, ୨୬।୧୨(ସମିସ):** ଆନନ୍ଦପୁର ପୌର ପରିଷଦର ଅନ୍ତର୍ଗତ ଶାଳପଡା ବୀଣାପାଣି କଳାନିକେତନର ନୃତ୍ୟଶିଳ୍ପୀମାନେ କେନ୍ଦୁଝର କାଳୀପଡିଆଠାରେ ଅନୁଷ୍ଠିତ ଗୋନାସିକା ମହୋତ୍ସବର ଉଦଯାପନୀ ଦିବସରେ 'ଏଇ ଆମ ଛୋଟ ଗାଁ' ନୃତ୍ୟାଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଛନ୍ତି । ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ରଚିତ ଏହି ନାଟକକୁ ନୃତ୍ୟାଭିନୟ କରି ଦର୍ଶକଙ୍କ ମନକୁ ବାନ୍ଧି ରଖିଥିବା ବେଳେ ଗାଁରେ ଚାଷୀପୁଅର କାର୍ଯ୍ୟଶୈଳୀ, ଚାଲିଚଳଣି, ପୂଜା ପର୍ବପର୍ବାଣୀ ପାଳନର ମନୋହର ଦୃଶ୍ୟ କଳାକାରମାନେ ପରିବେଷଣ କରିଥିଲେ । ଏହି ନାଟକରେ ନୃତ୍ୟଶିଳ୍ପୀ ମୋନିକା ଦାଶ, ଦେବାଙ୍ଗୀ ସେନାପତି, ସୁଶ୍ରୀ ସ୍ମାରିକା, ଇତିଶ୍ରୀ ଓଝା, ଟୁଇଙ୍କିଲି ସାହୁ, ଦେବାଂଶୀ ପାତ୍ର, ଦୀପାରାଣୀ ସାହୁ, ମାନସ୍ମିତା ସାହୁ, ବିନୋଦ ଓଝା ପ୍ରମୁଖ ଅଭିନୟ କରିଥିଲେ । ଗୋନାସିକା ମହୋତ୍ସବ କମିଟି ପକ୍ଷରୁ ଡେପୁଟି କଲେକ୍ଟର ନୃତ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

C-2199

**BHUBANESWAR MUNICIPAL CORPORATION**
e-Procurement Notice
e-Mail: eebmcdiv3@gmail.com
No. 6514/ Dt. 22.12.2023
XI-PW.Div-III-04/23

On behalf of the Commissioner, Bhubaneswar Municipal Corporation, Executive Engineer-III, BMC invites Percentage Rate Bids for the work mentionedbelowthroughe-Procurement in conformity with the terms and conditions of the Detailed Tender Call Notice (DTCN) from intending bidders fulfilling the eligibility criteria mentioned in the DTCN. Each bid should be submitted on-line through the website www.tendersodisha.gov.in by eligible bidders.

1. No. of works: 9 (Nine) Nos
2. Estimated cost- Rs. 7,39,962/- & Rs. 35,53,396/-
3. Class of contractor- "D" to "B" Class
4. Period of completion:30(Thirty) to 90 (Ninety) Calendar Days.
5. Date and Time of Availability of Bid document in the portal: From 11.00 AM of 27.12.2023 to 05.00 PM of 08.01.2024
6. Last date/Time of submission of bids in the portal: 05.00 PM of 08.01.2024
7. Date of opening of Bid from Portal: 11.30 AM of 09.01.2024

Tender details can be seen for the e-Procurement portal https://www.tendersodisha.gov.in & BMC Website https:// www.bmc.gov.in

Executive Engineer
BMC Division - III

OIPR-13002/11/0239/2324

i-547

e-mail– ori-Bonaigarh@nic.in

**GOVERNMENT OF ODISHA,**
**PANCHAYAT SAMITI OFFICE, BONAIGARH, DIST- SUNDARGARH**
**TENDER CALL NOTICE NO. OF 2023-24**
Letter No. – 4087 Date: 22.12.2023

The Block Development Officer, Bonaigarh, Sundargarh on behalf of Governor of Odisha invites in "OFFLINE MODE Percentage Rate bids" in sealed cover for the following work from the class of eligible contractors as mentioned in Column-7 (seven) registered with the State Governments having validity of Civil License and contractors of equivalent Grades/Class Registered with Central Government/ MES/ Railways and other state government having validity of Civil License for execution of Building Works (including EI & PH). The proof of registration from the appropriate authority shall be enclosed along with the Bid. The eligible contractors of the state P.W.D. (R&B)/ Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. P1 forms in conformity with the Detailed Tender Call Notice. The bidders may submit bids for the following work.

| Sl. No | Name of the Work | Amount put to Tender in Rs.(Excluding GST) | Cost of Tender paper (Non-refundable) in Rs. | Bid security (1%) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Repair and Upgradation of jadupati Higher secondary School, Sihidiha | Rs 25,21,405/- | Rs 6,000.00 | Rs 25,214.00 | 3 (Three) Months | 'C'&'D' Class only |

The Bid documents and detailed terms and conditions can be downloaded from the District website www.sundergarh.nic.in.

1. Date and time for download Tender Paper: From Dt. 26.12.2023 to 05.01.2024.
2. Last Date of Receipt of Tender Paper: Dt. 08.01.2024 (5.00 P.M.)
3. Date of Opening of Tender Paper: Dt. 09.01.2024 (11.00 A.M.)

OIPR-19333/11/0005/2324

## ଉଦଳାରେ ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି

# ୫୭ ଅଭିଯୋଗର ଶୁଣାଣି କଲେ ଅତିରିକ୍ତ ଜିଲ୍ଲାପାଳ

ଉଦଳା, ୨୬।୧୨(ସମିସ): କପ୍ତିପଦା ଉପଖଣ୍ଡ ସଦର ମହକୁମା ଉଦଳାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ ସୁନିଲ୍ ଅଗ୍ରୱାଲ ଏବଂ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା ଆଜି ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନଶୁଣାଣିରେ ଯୋଗଦାନ କରି ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଶିବିରରେ ଉପଜିଲ୍ଲପାଳ ସୁଶାନ୍ତ କୁମାର ବାରିକ, ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟ, କପ୍ତିପଦା ଉପଖଣ୍ଡ ସମନ୍ୱିତ ଆଦିବାସୀ କଲ୍ୟାଣ ବିକାଶ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନରେନ୍ଦ୍ର କୁମାର ଖମାରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଶିବିରରେ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାଃ ଲକ୍ଷ୍ମୀକାନ୍ତ ପତି ଯୋଗଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ଆଜିର ଶିବିରରେ



କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ ୪ଟି ବ୍ଲକରୁ ଆସିଥିବା ୫୭ଟି ଅଭିଯୋଗ ଶୁଣାଣି ହୋଇଥିଲା। ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟାଗୁଡ଼ିକ ସର୍ବାଧିକ ଅଭିଯୋଗ ଥିଲା। ଅଭିଯୋଗ ମଧ୍ୟରୁ ୪୯ଟି ବ୍ୟକ୍ତିଗତ, ୮ଟି ସାମୂହିକ ବିଷୟରେ ଆଧାରିତ ଥିଲା। ସେଥିରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶିବିରରେ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସର୍ବମୋଟ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସରକାରଙ୍କ ମୋ ଘର ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସହକାରୀ ଜିଲ୍ଲାପାଳ ସୁବ୍ରତ କୁମାର ଘୋଷ, କର୍ମଚାରୀ ସାଙ୍ଗଓଇ ହେମ୍ବ୍ରମ, ରମେଶ ପୃଷ୍ଟି, ସାଇ ସ୍ୱରୂପ କର, ତାପସ ପ୍ରଧାନ, ଉଷାରାଣୀ ବିନ୍ଧାଣି, ଲକ୍ଷ୍ମଣ ରାଉତରାୟ, ଭବାନୀ ପଣ୍ଡା, ଉଦୟ ନାୟକ, କୈଳାସ ଦନାୟିକ, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଗୋଟିଏ ରାତିରେ ୪ ମନ୍ଦିରରୁ ମୂର୍ତ୍ତି ସମେତ ସାମଗ୍ରୀ ଚୋରି

ବୈଶିଙ୍ଗା,୨୬।୧୨ (ସମିସ): ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତର ବିଷ୍ଣୁପୁର ଜଗନ୍ନାଥ ଓ ଶିବମନ୍ଦିର ସମେତ ବ୍ରହ୍ମପୁରା ଶିବମନ୍ଦିର ଏବଂ ସର୍ବଣା ଶିବ ମନ୍ଦିରରୁ ମୂର୍ତ୍ତି ସମେତ ମନ୍ଦିର ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି। ତେବେ ଗୋଟିଏ ରାତିରେ ଚାରିଟି ମନ୍ଦିରରୁ ସିରିଜ ଚୋରି ଘଟଣା ସମସ୍ତଙ୍କୁ ଚକିତ କରିଛି। ଚୋରମାନେ ଆଗ୍ରିଆ ପଞ୍ଚାୟତ ଅଧୀନ ବିଷ୍ଣୁପୁର ଗ୍ରାମର ଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିରର ତାଲାଭାଙ୍ଗି କଂସା, ପିତ୍ତଳ, ତମ୍ବାର ବହୁ ସାମଗ୍ରୀ ସମେତ ରୁପାମୂର୍ତ୍ତି ମଧ୍ୟ ଚୋରିକରି ନେଇଯାଇଛନ୍ତି। ତେବେ ଦୁର୍ବୃତ୍ତମାନେ ବିଷ୍ଣୁପୁର ଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିରରୁ ଚୋରି ସମୟରେ ସିସିଟିଭି ଏବଂ ଏହାର ହାର୍ଡଡିସ୍କକୁ ମଧ୍ୟ ଚୋରିକରି ନେଇ ପଳାଇଛନ୍ତି। ସୋମବାର ଏ ନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏତଲା ଦିଆଯିବା ପରେ ଘଟଣାର ପୁଲିସ ସରଜମିନ ତଦନ୍ତ କରିଫେରିଛି।

## ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ରଖାଯାଉ



ଖିଚିଂ,୨୬।୧୨(ସମିସ): ବର୍ତ୍ତମାନ ପିକ୍‌ନିକ ଋତୁ ଚାଲିଥିବାବେଳେ ପର୍ଯ୍ୟଟନସ୍ଥଳଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ କରିବା ଦାବି ହେଉଛି। ମୟୂରଭଞ୍ଜ ଜିଲ୍ଲା ପାଞ୍ଚପୀଡ଼ ଉପଖଣ୍ଡରେ ବହୁ ପିକ୍‌ନିକ୍ ସ୍ଥଳ ରହିଛି। ଚଳିତ ବର୍ଷ ଶହ ଶହ ପର୍ଯ୍ୟଟକ ଭୀମକୁଣ୍ଡ, ରାମତୀର୍ଥ, ଖିଚିଂ, ତିନିଧାରିଆ ଅଞ୍ଚଳକୁ ଆସି ବଣଭୋଜି କରିବାକୁ ଆରମ୍ଭ କଲେଣି। ବିଶେଷକରି ପୌରାଣିକ ଐତିହାସିକ ଦୃଷ୍ଟିକୋଣରୁ ଐତିହ୍ୟ ରଖିଥିବା ଖିଚିଂର ମା’ କୀଚକେଶ୍ୱରୀ ମନ୍ଦିର ଦର୍ଶନ କରିବା ପର୍ଯ୍ୟଟକଙ୍କ ଭିଡ ଆରମ୍ଭ ହେଲାଣି। ବହୁ ପର୍ଯ୍ୟଟକ ଖିଚିଂ ନିକଟ ଭଣ୍ଡନ ନଦୀ କୂଳରେ ଥିବା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବଣଭୋଜି କରୁଛନ୍ତି। ତେଣୁ ପର୍ଯ୍ୟଟକମାନେ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ଅଇଁଠା ଖଲି ପତ୍ର, ବ୍ୟବହୃତ ପ୍ଲାଷ୍ଟିକ ଖୋଳ, ବଳକା ଖାଦ୍ୟ ପଦାର୍ଥ, ପାଣିବା ବୋତଲ ଆଦି ପର୍ଯ୍ୟଟନସ୍ଥଳରେ ପଡୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଢ଼ ପଦକ୍ଷେପ ନେବା ଲାଗି ଦାବି ହେଉଛି।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

କରଞ୍ଜିଆ,୨୬।୧୨(ସମିସ): କରଞ୍ଜିଆ ନଗର ମଣ୍ଡଳ ବିଜେପି ପକ୍ଷରୁ ବିଶିଷ୍ଟ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ମହେଶ୍ୱର ସାହା ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମେ ସ୍ୱର୍ଗତ ବାଜେୟୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା କୃପାସିନ୍ଧୁ ମହାନ୍ତ, ବାଞ୍ଛାନିଧି ପୃଷ୍ଟି, ନବ କିଶୋର ପଣ୍ଡା, ଜନାର୍ଦ୍ଦନ ବେହେରା, ଲୁନା ମିଶ୍ର ଜିଲ୍ଲା କୃଷକ ମୋର୍ଚ୍ଚା ର ସଭାପତି ମଦନ ମୋହନ ମହାନ୍ତ, ବିମଳ ସେନାପତି, ନାରୀ ନେତ୍ରୀ ପୁଷ୍ପାଞ୍ଜଳି ସିଦୁ, ଲକ୍ଷ୍ମୀ ଝା, ଜ୍ୟୋସ୍ନାରାଣୀ ମହାନ୍ତ ପ୍ରମୁଖ ବାଜେୟୀଙ୍କ ଉପରେ ଉଦବୋଧନ ଦେଇଥିଲେ। ଅଟଳଜୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି, ଦେଶ ପ୍ରତି ଥିବା ସମର୍ପଣ ଭାବ ଓ ତାଙ୍କ ଜୀବନର ବିଶେଷ ମୁହୂର୍ତ୍ତ ଉପରେ ଆଲୋକପାତ କରିଥିଲେ। ଶେଷରେ ଜନାର୍ଦ୍ଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ସ୍ୱେଚ୍ଛାସେବୀ ସଂଗଠନ ଚେତନା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଗାଳ୍ପିକ ମିତ୍ରଭାନୁ ତନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ରଜକିଶୋର ପଣ୍ଡା ଯୋଗ ଦେଇଥିବା ବେଳେ ସାହିତ୍ୟିକ ବାଣୀ ବିନୋଦ ଭରତ ଚନ୍ଦ୍ର ଦାଶ ଅଟଳଜୀଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ତ୍ରିଲୋଚନ ସେଠୀ, ଲେଖକ ରାଧାଶ୍ୟାମ ନାୟକ, ସିଦ୍ଧାର୍ଥ ରାୟ, ଅଧ୍ୟାପକ ସିପୁନ କୁମାର ଦାସ, ଜିତେନ୍ଦ୍ର ସାହୁ, ଲକ୍ଷ୍ମଣ ପୂର୍ତ୍ତି, ସଂଗଠନ ସଭାପତି ସଂଜୟ କୁମାର ସାହୁ, ଅଧ୍ୟାପକ ଜନ୍ମେଜୟ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଅଣଗେଜେଟେଡ୍ କର୍ମଚାରୀ ସଂଘର ବନ୍ଧୁମିଳନ

ଯଶିପୁର,୨୬।୧୨(ସମିସ): ଓଡ଼ିଶା ଅମଲା ସଂଘ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ପାଞ୍ଚପିଢ଼ ଓ ବାମନଘାଟି ଉପଖଣ୍ଡର ବନ୍ଧୁମିଳନ ଯଶିପୁର ନିକଟସ୍ଥ ଯୁବ ହଷ୍ଟେଲରେ ଅନୁଷ୍ଠିତ



ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସଭାପତି ଶିବାଜୀ ଶତପଥୀ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ବିଭାଗର ଅମଲା ତଥା କର୍ମଚାରୀଙ୍କ ସମୂହ ଉପସ୍ଥିତି ଆୟୋଜନକୁ ସାଫଲ୍ୟ ଆଣିଦେଇଥିଲା। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ମିଳିତ ଅମଲା ମଞ୍ଚର ଜିଲ୍ଲା ଆବାହକ ଅସିତ ମହାକୁଡ଼ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବୈଠକରେ ସଂଘର ବହୁ ପ୍ରତୀକ୍ଷିତ ଦାବି କନିଷ୍ଠ ସହାୟକମାନଙ୍କୁ ସପ୍ତମ ବେତନ ଆୟୋଗର ପେ-ମାଟ୍ରିକ୍ସର ଲେଭେଲ ୯ ରେ ଦରମା ପ୍ରଦାନ ମୁଖ୍ୟପ୍ରସଙ୍ଗ ଥିଲା। ଉକ୍ତ ବିଷୟରେ ସଂଘର କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ ମହାନ୍ତ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ପ୍ରସଙ୍ଗର ବର୍ତ୍ତମାନ ପରିସ୍ଥିତି ବିଷୟରେ ବୈଠକରେ ଶ୍ରୀ ମହାକୁଡ଼ ସୂଚନା ପ୍ରଦାନ କରିଥିଲେ ଏବଂ ଖୁବ ଶୀଘ୍ର ଭଲ ସମାଚାର ମିଳିବ ବୋଲି ସେମାନଙ୍କୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଦ୍ୱିତୀୟଅଧିବେଶନରେ ସଂଘର ବାର୍ଷିକ ବନ୍ଧୁମିଳନ ତଥା ନିକଟରେ ଅବସର ଗ୍ରହଣ କରିଥିବା ଅମଲାମାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ବରିଷ୍ଠ ସହାୟକ ଶାନ୍ତିଲତା ବିଶୋଇ ଓ ମହେଶ୍ୱର ମହାନ୍ତଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ସହାୟକ କପିଳେନ୍ଦ୍ର ମହାନ୍ତ, ଚୂଡ଼ାକର୍ଣ୍ଣ ମହାନ୍ତ, ମଦନମୋହନ ବାରିକ, କନିଷ୍ଠ ସହାୟକ ଶିବଶଙ୍କର ମହାକୁଡ଼, ଅଶୋକ ମହାନ୍ତ, ଶୋଭାରାମ ମହାନ୍ତ ଓ ଶତ୍ରୁଘନ ମହାନ୍ତ ପରିଚାଳନା କରିଥିଲେ। ପରିଶେଷରେ ସଞ୍ଜିତ ଗିରି, କାର୍ଯ୍ୟାଳୟ ସମ୍ପାଦକ କୃତଜ୍ଞତା ଜଣାଇ ଆଗାମୀ ବର୍ଷ ପାଇଁ ସଂଘର କାର୍ଯ୍ୟ ଖସଡ଼ା ପାଠକରି ସମସ୍ତଙ୍କର ପୂର୍ବଭଳି ସହଯୋଗ ଓ ଉନ୍ନତି କାମନାକରି ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ

ବାରିପଦା,୨୬।୧୨(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ରାଶେଶ୍ୱର ସାହୁଙ୍କ ସଭାପତିତ୍ୱରେ ସୋମବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସଭାପତି ତଥା ଏବର ଉପଦେଷ୍ଟା ଡା. ପ୍ରମୋଥନାଥ ଭୂୟାଁ ଯୋଗ ଦେଇଥିଲେ। ବୈଠକରେ ବାରିପଦା ପୌରପରିଷଦର ୱାର୍ଡ ନଂ ୧୮ ସମସ୍ତ ସଫେଇ କର୍ମଚାରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିବା ପରେ ଜଳଖିଆ ଦ୍ୱାରା ଆପ୍ୟାୟିତ କରାଯାଇଥିଲା। ଏହାପରେ ସମସ୍ତଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଡା. ଭୂୟାଁ ସମାଜର ସଫେଇ କର୍ମଚାରୀମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ବିଜୟ କୁମାର ମହାପାତ୍ର ପରିଚାଳନା କରିଥିଲେ। ଉପସଭାପତି ବୀଣାପାଣି ପଣ୍ଡା, ସହସମ୍ପାଦକ ପ୍ରଦୀପ କୁମାର ପାଣି, ସଭ୍ୟ ମେଜର ରବୀନ୍ଦ୍ରନାଥ ପରିଡା, ବସନ୍ତ କୁମାର ପାତ୍ର, ମହେଶ୍ୱର ପଣ୍ଡା, ଆଦିତ୍ୟ କୁମାର ପ୍ରହରାଜ, ଜଗଦିଶ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ଦେ, ଅନିରୁଦ୍ଧ ପୃଷ୍ଟି ଓ ରତ୍ନାକର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ନେଇ ଅଧ୍ୟକ୍ଷଙ୍କୁ ସଚେତନ କଲେ ଛାତ୍ର

କରଞ୍ଜିଆ,୨୬।୧୨(ସମିସ): ସମନ୍ୱିତ ଯୁବ ବିକାଶ ଯୋଜନାରେ ବିଭିନ୍ନ ମହାବିଦ୍ୟାଳୟରେ କ୍ରୀଡା, ସାମାଜିକ ଓ ସାଂସ୍କୃତିକ ଆଦି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ଛାତ୍ରଛାତ୍ରୀମାନେ ଆନନ୍ଦର ସହିତ ବେଶ କିଛିଦିନ ଅଂଶ ଗ୍ରହଣ କରି ବିତାଇଥିଲେ। ଏପରି କାର୍ଯ୍ୟକ୍ରମରେ କରଞ୍ଜିଆ ନିକଟ କଦାଡ଼ିହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରମାନେ ସଡ଼କ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏହି ସମୟରେ ଅଧ୍ୟକ୍ଷ ବିନା ହେଲମେଟରେ ବାଇକ୍‌ରେ କଲେଜକୁ ଆସୁଥିଲେ। ପରେ ଛାତ୍ରମାନେ ତାଙ୍କୁ ଅଟକାଇ ବିନୟ ପୂର୍ବକ ସଚେତନ କରିବା ଉଦ୍ଦେଶ୍ୟରେ ଚକଲେଟ ଓ ଗୋଲାପ ଫୁଲ ଦେଇଥିଲେ।

## ଭେଙ୍କଟେଶ୍ୱର ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାରିପଦା, ୨୬।୧୨(ସମିସ): ସହିଦ ସ୍ମୃତି ଭବନ ପରିସରରେ ଭେଙ୍କଟେଶ୍ୱର ସ୍କୁଲର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ସେନାପତିଙ୍କ ପୌରୋହିତ୍ୟରେ ବାର୍ଷିକ ଉତ୍ସବ ରିନାଇସେନ୍ସ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଲାଲ୍‌ଧର୍ ସିଂ ଯାଦବ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଜର ନୈତିକ ମୂଲ୍ୟବୋଧ ପ୍ରତିଷ୍ଠା କରିବାରେ ଶିକ୍ଷା କିପରି ସହାୟକ ହୋଇଥାଏ ସେ ନେଇ ଗୁରୁତ୍ୱ ଦେଇଥିଲେ। ଟ୍ରଷ୍ଟି ସୁଭାନ୍ତି ମହାନ୍ତି ଅନୁଷ୍ଠାନର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବନ୍ଦିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କାଣୀମହୁଲିରେ ଓବିସି ଜାଗରଣ ବୈଠକ

ଶୁଳିଆପଦା, ୨୬।୧୨(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ କାଣୀମହୁଲି ହାଟ ପଡିଆରେ ପଛୁଆବର୍ଗ ସଂଗ୍ରାମ ମଞ୍ଚର ଏକ ଜାଗରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ମହାନ୍ତ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଓବିସି ମଞ୍ଚର ରାଜ୍ୟ ଉପସଭାପତି ଅଧ୍ୟାପକ ଗୋପବନ୍ଧୁ ମାର୍ଗଦର୍ଶକ ଭାବେ ଯୋଗ ଦେଇଥିଲେ। ଓବିସିମାନଙ୍କ ଏକତାର ଅଭାବରୁ ସେମାନେ ସମାନ ଅଧିକାରରୁ ବଞ୍ଚିତ ହେଉଛନ୍ତି, ତେଣୁ ଆଗାମୀ ଦିନରେ ଓବିସି ସଂଗଠନକୁ ମଜଭୂତ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି। ସତ୍ୟବାନ୍ ଦଳବେହେରା, ବାଞ୍ଛାନିଧି ସି, ପୂର୍ଣ୍ଣଚନ୍ଦ୍ର ଜେନା, କାନ୍ଦରା ଟୁଡୁ, ଧନଞ୍ଜୟ ସି, ନବୀନ ବିନ୍ଧାଣୀ, ଦିଲ୍ଲୀପ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଗ୍ରୀ କଲେଜରେ ଏନଏସଏସ୍ ଶିବିର ଉଦ୍‌ଘାଟିତ

ଶୁଳିଆପଦା,୨୬।୧୨ (ସମିସ): ଶୁଳିଆପଦା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ସପ୍ତଦିବାସୀୟ ଶୀତକାଳୀନ ଏନଏସ୍‌ଏସ୍ ଶିବିର




ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ସଭାପତି ଚୈତନ୍ୟ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଶିବିରରେ ଅଧ୍ୟକ୍ଷ କିଶୋର କୁମାର ଗିରି, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପଙ୍କଜ କୁମାର ଦାସ, ଅଧ୍ୟାପିକା ସୁଧାଶ୍ରୀ ସେଠୀ, ପୂର୍ବତନ ସ୍ୱେଚ୍ଛାସେବୀ ସମୀର କୁମାର ଧଳ, ସଧାମ୍ ହୋସେନ, ମହାବିଦ୍ୟାଳୟର ବଡବାବୁ ଶରତ ଚନ୍ଦ୍ର ଧଳ, ଦେବେନ୍ଦ୍ର ନାଥ ଧଳ ଗଣେଶ୍ୱର ଧୁଙ୍ଗିଆ ପ୍ରମୁଖ ଯୋଗଦେଇଥିଲେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରା

ବହଳଦା,୨୬।୧୨(ସମିସ): ସୋମବାର ବହଳଦା କୀଚକେଶ୍ୱରୀ ମନ୍ଦିର ସମ୍ମୁଖରେ ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ନବଚରଣ ମାଝୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ ବିକଶିତ ଭାରତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତିପ୍ରସାଦ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ ତାପସ ବାସାକ, ଚନ୍ଦ୍ରଶେଖର ଦାସ ସହଯୋଗ କରିଥିଲେ। କୃଷି, ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ଜୀବିକା ମିଶନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜନିଜ ବିଭାଗର ଯୋଜନା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରୁଣ ଦେଓ, ପ୍ରଦୀପ ରାଉତ,ମାଧବ ମହାପାତ୍ର, ରାଜେଶ ପାଲ, ପ୍ରତ୍ୟୁଷ ଦାଶ, ଜ୍ଞାନ ଦୀକ୍ଷିତ, ଶୁଭ୍ରଜିତ ପାଲ ଉପସ୍ଥିତ ଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଆରମ୍ଭ




ଉଦଳା,୨୬।୧୨(ସମିସ): କୁଣ୍ଡାବାଇ ଆର୍.ଡି.ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ତରଫରୁ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଆରମ୍ଭ ହୋଇଯାଇଛି। ଡିସେମ୍ବର ୨୫ରୁ ୩୧ ପର୍ଯ୍ୟନ୍ତ ଏହି ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଆରମ୍ଭ ହେବ। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଏନ୍‌ଏସ୍‌ଏସ୍ ପତାକା ଉତ୍ତୋଳନ କରିବା ସହ ଉଦଘାଟନୀ ସଭାରେ ସ୍ୱେଚ୍ଛାସେବୀ ପୋଷ୍ୟ ଗ୍ରାମ (କଲୋନୀ ସାହି)କୁ ଯାଇ ଲୋକଙ୍କୁ ସଚେତନ କରିଥିଲେ। ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଦିଲୀପ କୁମାର ପ୍ରାମାଣିକ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଶିବିରକୁ ପୁରୁଷ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଓମ ପ୍ରକାଶ ଶତପଥୀ, ମହିଳା ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଯଜ୍ଞସେନୀ ବେହେରା ଓ ଅଧ୍ୟାପକ ଶୁଭକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ନୂଆ-ଓ’, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



ରାସଗୋବିନ୍ଦପୁର,୨୬।୧୨(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଗାଁ ଅମର୍ଦା ସ୍ଥିତ ରାଧାଗୋବିନ୍ଦ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓ ନବୀନ ଓଡିଶା କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଯାଇଛି। ମୋରଡା ବିଧାୟକ ରାଜକିଶୋର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଉକ୍ତ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ବିଶ୍ୱମ୍ଭର ପାତ୍ର, ଲକ୍ଷ୍ମୀନାରାୟଣ ଦାସ, ଶରତ ଚନ୍ଦ୍ର ସେନାପତି, ମାନବ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ସାହୁ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଅରୁଣ କୁମାର ପ୍ରାମାଣିକ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଅଜିତ କୁମାର କୁଣ୍ଡୁ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ବିଶ୍ୱାଳ ମଞ୍ଚ ପରିଚାଳନା ଓ ଅଧ୍ୟାପକ ରାଧାକୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ।

## ଲିଟିଲ୍ ଫ୍ଲାୱାର ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଇରଙ୍ଗପୁର,୨୬।୧୨(ସମିସ): ପୌରପରିଷଦ ଅନ୍ତର୍ଗତ ଲିଟିଲ ଫ୍ଲାୱାର ବିଦ୍ୟାଳୟର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବିଇଓ ଭଗ୍ୟରଥି ମହାନ୍ତି, କୁସୁମୀ ବିଇଓ କପିଳେନ୍ଦ୍ର ଦାସ, ବିଦ୍ୟାଳୟ କାର୍ଯ୍ୟକାରିଣୀ କମିଟି ଅଧ୍ୟକ୍ଷ ଆବିଦ୍ ଅଲି ହୁସେନ, ସଂପାଦକ କାଳୀପ୍ରସନ୍ନ ମହାନ୍ତି, ଅଧ୍ୟକ୍ଷ ଦେବବ୍ରତ ଦାସ, ସଦସ୍ୟ ଦେବାଶିଷ ମହାନ୍ତି, ଦେବୀ ପ୍ରସାଦ ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ଦିବସରେ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ରିଶିପ୍ରଭା ମହାନ୍ତ, ପୂର୍ବତନ ବିଏସଏନଏଲ୍ ଡିଜିଏମ ଇ. ରାଧାଶ୍ୟାମ ପାତ୍ର, ସଂପାଦକ କାଳୀପ୍ରସନ୍ନ ମହାନ୍ତି, ଅଧ୍ୟକ୍ଷ ଦେବବ୍ରତ ଦାସ ଯୋଗଦେଇଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ସ୍ତରୀୟ ୪୦୦ ମି. ଦୌଡ ପ୍ରିୟୋଗୀତାରେ ତୃତୀୟ ସ୍ଥାନ ପାଇଥିବା ଛାତ୍ରୀ କଲ୍ୟାଣୀ ଟୁଡୁ, ରାଜ୍ୟ ସ୍ତରୀୟ ରଗବି ଖେଳରେ ମୟୂରଭଞ୍ଜ ଜିଲ୍ଲାରୁ ଅଂଶ ଗ୍ରହଣ କରିଥିବା ଛାତ୍ର ସମୀର ଗୋପ ଏବଂ ସର୍ବଶ୍ରେଷ୍ଠ ଛାତ୍ର ସ୍ପନ୍ଦନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସଂପାଦକ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅବହେଳିତଙ୍କ ମୁହଁରେ ହସ ଫୁଟାଇବା ମୁଣ୍ଡାରୀ ସଂପ୍ରଦାୟର ଲକ୍ଷ୍ୟ

ଖୁଣ୍ଟା,୨୬।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ୍ ଅଧୀନ କାଳିଆପଦା ଗ୍ରାମରେ ମୁଣ୍ଡାରୀ ଭାଷା ବିକାଶ ପରିଷଦ ପକ୍ଷରୁ ମୁଣ୍ଡାରୀ ସଂପ୍ରଦାୟର ଲୋକଙ୍କୁ ନେଇ “ଦୁବ୍ ସୁଙ୍ଗୁଟି ଓ ଜମ ସୁଙ୍ଗୁଟି’ ସଂକ୍ରାନ୍ତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଦର୍ଶନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ ଓ ଭୁବନେଶ୍ୱରର ପୂର୍ବତନ ମେୟର ତଥା ବର୍ତ୍ତମାନର କର୍ପୋରେଟର ଭାରତୀ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ବନ୍ଧୁମିଳନ କୋଣଅନୁକୋଣରେ ଥିବା ଅବହେଳିତ ଓ ଗରିବଙ୍କୁ ଏକତ୍ରିତ କରିବା ହେଉଛି ମୁଖ୍ୟ ଲକ୍ଷ୍ୟ। ସେମାନଙ୍କ ସହ ଖୁସି ବଣ୍ଟିବା ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତର ସାମିଲ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଶ୍ରୀମତୀ ସିଂ କହିଥିଲେ।



ମୁଣ୍ଡାରୀ ଜାତିର ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଓ ଏହାକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମୁଣ୍ଡାରୀ ସଂପ୍ରଦାୟର ମହିଳା ଓ ପୁରୁଷ ଏକତ୍ରିତ ହୋଇ ପାରମ୍ପରିକ ନୃତ୍ୟଗୀତ ପରିବେଶଷଣ କରିଥିଲେ। ପରେ ମୁଣ୍ଡାରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଅର୍ଜନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଇଥିଲା।

## ଅଧ୍ୟକ୍ଷଙ୍କ ନାଁରେ ମାନସିକ ନିର୍ଯାତନା ଅଭିଯୋଗ

# ଥାନାର ଦ୍ୱାରସ୍ଥ ହେଲେ ୪ ଅଧ୍ୟାପିକା

ବାରିପଦା, ୨୬ ।୧୨(ସମିସ)



ଏମ୍‌ପିସି ଜୁନିୟର କଲେଜର ୪ ଅଧ୍ୟାପିକାଙ୍କୁ ଅଧ୍ୟକ୍ଷ ମାନସିକ ନିର୍ଯାତନା ଓ ଧମକ ଚମକ ଦେଉଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମଙ୍ଗଳବାର ଏ ନେଇ ଅଧ୍ୟକ୍ଷଙ୍କ ବିରୋଧରେ ବାରିପଦା ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି ୪ ଅଧ୍ୟାପିକା। ଏମ୍‌ପିସି ଜୁନିୟର କଲେଜର ୪ ଜଣ ଅଧ୍ୟାପିକା ଏନେଇ ଅଧ୍ୟକ୍ଷ ଶୁଭଙ୍କର ସାହୁଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ହେବ ଏହି ଅଧ୍ୟାପିକାମାନେ ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ଆସୁଛନ୍ତି। ଉକ୍ତ ଅଧ୍ୟାପିକାଙ୍କୁ ଅଧ୍ୟକ୍ଷ ଶ୍ରୀ ସାହୁ ମାନସିକ ନିର୍ଯାତନା ଦେବାସହ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ତାଙ୍କ କଥା ନ ମାନିଲେ ଖରାପ ବ୍ୟବହାର କରୁଛନ୍ତି। ଅଧ୍ୟାପିକାଙ୍କୁ ବିନା କାରଣରେ ଅଫିସ ଚ୍ୟାମ୍ବରରେ ବସିବାକୁ ବାଧ୍ୟ କରିଥାନ୍ତି। ଏଥି ସହିତ ଠିକ ଭାବେ ପାଠ ଜାଣିନଥିବା ବେଳେ କିପରି ଚାକିରି ପାଇଛ ବୋଲି ପ୍ରଶ୍ନ କରୁଛନ୍ତି। ଏପରିକି ଆଦିବାସୀ ଜାତିଆଣରେ ଆକ୍ଷେପ କରି ଅଧ୍ୟାପିକାଙ୍କୁ ଗାଳିଗୁଲଜ କରିବା ଓ କ୍ୟାରିଅର ଖରାପ କରିଦେବାର ଧମକ ଦେଉଥିବା ଅଧ୍ୟାପିକାମାନେ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେବ ଏପରି ବ୍ୟବହାର ଅଧ୍ୟକ୍ଷ କରି ଆସୁଥିବା ବେଳେ ସେମାନେ ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜଣାଇଥିଲେ। ତେବେ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ବାଧ୍ୟ ହୋଇ ମଙ୍ଗଳବାର ଅଧ୍ୟାପିକା ସ୍ମୃତିରେଖା ଗିରି ଓ ଅନ୍ୟ ଅଧ୍ୟାପିକାମାନେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଉକ୍ତ ଅଭିଯୋଗକୁ ଅଧ୍ୟକ୍ଷ ଶ୍ରୀ ସାହୁ ଖଣ୍ଡନ କରିଛନ୍ତି। ପୂର୍ବରୁ ଏପରି କୋଣସି ଅଭିଯୋଗ ଅଧ୍ୟାପିକାମାନେ କରି ନ ଥିବା ବେଳେ ଆଜିର ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଏ ସମ୍ପର୍କରେ ଏକ ବୈଠକ ଆହ୍ୱାନ କରିଥିଲେ ହେଁ ଅଧ୍ୟାପିକା ଗଣ ନ ଆସି ଥାନାକୁ ଯାଇଥିଲେ। ତେବେ ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ସିସିଟିଭି ଭାଙ୍ଗି ଲୁଟିନେଲେ ସୁନା ଅଳଙ୍କାର

**ଉଦଳା, ୨୬।୧୨(ସମିସ):** ଘରେ କେହି ନ ଥିବାର ସୁଯୋଗ ନେଇ ସିସିଟିଭି ଭାଙ୍ଗି ଦୁର୍ବୃତ୍ତମାନେ ଲୁଟିନେଲେ ସୁନା ଅଳଙ୍କାର। ଏଭଳି ଘଟଣା ଘଟିଛି ଉଦଳା ଥାନା ଏନଏସି ୩ ନମ୍ବର ୱାର୍ଡରେ। ଏହି ୱାର୍ଡରେ ରହୁଥିବା ଅଧ୍ୟାପିକା ପ୍ରମୋଦୀ ରାଉତ ସ୍ୱାମୀଙ୍କୁ ଭୁବନେଶ୍ୱର ଚିକିତ୍ସା ନିମନ୍ତେ ଯାଇଛନ୍ତି। ଆଜି ତାଙ୍କ ଭଣଜା ଘରେ ମାମୁଁ ଥିବା ଭାବି ପ୍ରମୋଦୀଙ୍କ ଘରକୁ ଆସିଥିବା ବେଳେ ଘର ମୁଖ୍ୟ ଫାଟକ ଖୋଲାଥିବା ଦେଖିଥିଲେ। ପରେ ଚୋରି ହୋଇଥିବା ଜାଣିପାରି ଭଣଜା ଘଟଣା ବାବଦରେ ପ୍ରମୋଦୀଙ୍କୁ ଜଣାଇବା ସହିତ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରମାନେ ଘରେ ଥିବା ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ସହିତ ନଗଦ ଟଙ୍କା ଏବଂ ଲାପଟପ ଲୁଟ ହୋଇଛି। ପୁଲିସ ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି।

## ଶିମିଳିପାଳରୁ ବିରଳ ପକ୍ଷୀ ଠାବ



**ବାରିପଦା, ୨୬ ।୧୨(ସମିସ):** ଜୈବ ବିବିଧତାରେ ପରିପୂର୍ଣ୍ଣ ଶିମିଳିପାଳରୁ ଠାବ ହୋଇଛି ଏକ ବିରଳ ପ୍ରଜାତିର 'ଏସି ମିନିଭେଟ' ପକ୍ଷୀ। ଶିମିଳିପାଳରେ ଗବେଷଣା କରୁଥିବା ଫୋଟଗ୍ରାଫର ଜୟପ୍ରକାଶ ସିଂହ ଏହି ପକ୍ଷୀକୁ ଠାବ କରିବା ସହିତ ଏହାର ଚିତ୍ର ଉତ୍ତୋଳନ କରିଛନ୍ତି। ଓଡ଼ିଶାରେ ଏହି ପକ୍ଷୀ ଅତ୍ୟନ୍ତ ବିରଳ ହୋଇଥିବାବେଳେ ସାଇବେରିଆ, ଜାପାନ, କୋରିଆ ଦେଶରେ ଦେଖାଯାଏ। ଏହାର ଲମ୍ବ ପ୍ରାୟ ୧୮ରୁ ୨୦ ସେମି। ପୁରୁଷ ପକ୍ଷୀର ମୁଣ୍ଡଟି ଧୂସର ରଙ୍ଗର ହେବା ସହ କଳା ରଙ୍ଗର ଟୋବପି ଆକୃତିର ଚିହ୍ନ ରହିଥାଏ। ସେହିପରି ମାଈ ଚଢେଇଙ୍କ କ୍ଷେତ୍ରରେ ଏହା ଧୂସର ହଳଦୀ ରଙ୍ଗର ହୋଇଥାଏ। ଏମାନେ ମୁଖ୍ୟତଃ ନିମ୍ନଭୂମି ଏବଂ ପାହାଡ଼ର ପାଦଦେଶର ଅଞ୍ଚଳରେ ବସବାସ କରନ୍ତି। ଭାରତର ଉତ୍ତର-ପୂର୍ବ ଭାଗ ଏବଂ ଦକ୍ଷିଣାଞ୍ଚଳର ଅଳ୍ପ କିଛି ସ୍ଥାନରେ ଅଳ୍ପ ସଂଖ୍ୟାରେ ଏହି ପକ୍ଷୀ ଦେଖା ଯାଉଥିବାବେଳେ ଶିମିଳିପାଳରେ ଏହାର ଅବସ୍ଥିତି ପରିବେଶବିତ୍‌ଙ୍କ ମନରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି।

## ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ



**ଖୁଣ୍ଟା, ୨୬।୧୨(ସମିସ):** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ତରଫରୁ କାର୍ଯ୍ୟକ୍ରମ ଅଧିକାରୀ ତପନ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ପୋଷ୍ୟ ଗ୍ରାମ ବଡଖୁଣ୍ଟାଠାରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡଃ ଅଶ୍ୱିନୀ ସାହ, ଅନ୍ୟତମ ଅତିଥିଭାବେ ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ଓଡ଼ିଆ ବିଭାଗର ଅଧ୍ୟାପିକା ହିରଣ୍ମୟୀ ଶତପଥୀ, ଗଣିତ ବିଭାଗର ଅଧ୍ୟାପକ ମାନଗୋବିନ୍ଦ ଖିଲାର ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କକ ଗ୍ରାମବାସୀଙ୍କୁ ସୁଚାଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଗୋପା ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାତୀ ଭାଙ୍ଗିଲା ଘର; ବର୍ତ୍ତିଲେ ଗୃହକର୍ତ୍ତା



**ବେତନଟୀ, ୨୬ ।୧୨(ସମିସ):** ବେତନଟୀ ରେଞ୍ଜ ଅଧୀନ ନହଣ୍ଡାଶୋଳ ଉପକଣ୍ଠ ତାରାଶୋଳ-ଭାଲୁବସା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ହାତୀ ପଶି ଘର ଉପରେ ଆକ୍ରମଣ କରିବା ସହିତ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ସୂଚନା ମୁତାବକ, ଏକ ହାତୀ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ସୋମବାର ବିଳମ୍ବିତ ରାତିରେ ଗ୍ରାମର ବାହାଦୁର ହେମ୍ବ୍ରମଙ୍କ ଘର ଉପରେ ଆକ୍ରମଣ କରିଥିଲା। ଆକ୍ରମଣରେ ଘରକାନ୍ଥ ଭାଙ୍ଗିବା ସହିତ କାନ୍ଥତଳେ ଚାପିହୋଇ ବ୍ୟାପକ ଆସବାବପତ୍ର ନଷ୍ଟ ହୋଯାଇଥିଲା। ତେବେ ଆକ୍ରମଣ ସମୟରେ ଗୃହକର୍ତ୍ତା ଶ୍ରୀ ହେମ୍ବ୍ରମ ଦୌଡି ପଳାଇ ଜୀବନ ବଞ୍ଚାଇପାରିଛନ୍ତି। ବର୍ତ୍ତମାନ ପାଚିଲାଧାନ ଅମଳପରେ ଚାଷୀ ଘରେ ଏବଂ ଖଳାରେ ଗଚ୍ଛିତକରି ରଖିଥିବାରୁ ଖାଦ୍ୟ ଅନ୍ୱେଷଣରେ ହାତୀ ଏବେ ଜନବସତିମୁହାଁ ହେଉଛନ୍ତି। ଯଦ୍ଦ୍ୱାରା କ୍ଷୟକ୍ଷତି ଦିନକୁଦିନ ବଢ଼ିଚାଲିଥିବା ବେଳେ ହାତୀ-ମଣିଷ ମୁହାଁମୁହିଁ ସ୍ଥିତି ଉପୁଜିଛି ; ଯାହାକୁ ନେଇ ଅଞ୍ଚଳବାସୀ ଚିନ୍ତାରେ ରହୁଛନ୍ତି। ହାତୀ ଆକ୍ରମଣରେ ହେଉଥିବା କ୍ଷୟକ୍ଷତିକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି।

## ଓଲଟିଲା ସ୍କର୍ପିଓ; ୩ ଆହତ

**ବୈଶିଙ୍ଗା, ୨୬।୧୨(ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଗଡ଼ଗଡ଼ିଆ ନିକଟରେ ଏକ ସ୍କର୍ପିଓ ଭାରସାମ୍ୟ ହରାଇ ଡିଭାଇଡର ଉପରେ ଚଢି ଯାଇଥିଲା। ଏପରିକି ଗାଡିଟି ଅପରପାର୍ଶ୍ୱ ରାସ୍ତା ପାର କରି କେନାଲ ଭିତରେ ପଶି ଯାଇଥିଲା। ସୂଚନା ମୁତାବକ ମଙ୍ଗଳବାର ଅପରାହ୍ନରେ ବାଲେଶ୍ୱର ପଟରୁ ବାରିପଦା ଅଭିମୁଖେ ଯାଉଥିବା ସମୟ ରେ କାରରେ ବସିଥିବା ୩ଜଣଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ୨୯ରୁ ଅଲ୍ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ଉତ୍ସବ

**ବାରିପଦା, ୨୬।୧୨(ସମିସ):** ଆସନ୍ତା ୨୯ ଏବଂ ୩୦ ତାରିଖରେ ଅଲ ଓଡ଼ିଶା ଆଇନଜୀବି ସଂଘର ବାର୍ଷିକ ଉତ୍ସବ ବାରିପଦାଠାରେ ଅନୁଷ୍ଠିତ ହେବ। ଉକ୍ତ ବାର୍ଷିକ ସମ୍ମିଳନୀର ଆୟୋଜକ ଭାବେ ଜିଲ୍ଲା ଓକିଲ ସଂଘ ବାରିପଦା ଦାୟିତ୍ୱ ବହନ କରିଛନ୍ତି। ସମ୍ମିଳନୀରେ ଓଡ଼ିଶାର ପ୍ରତ୍ୟେକ ବାର ସଂଘର ସଦସ୍ୟବୃନ୍ଦ ଅଂଶଗ୍ରହଣ କରିବାକୁ ଆସୁଛନ୍ତି। ବାହାରୁ ଆସୁଥିବା ଓକିଲ ବନ୍ଧୁମାନଙ୍କ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଉକ୍ତ ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଆସୁଥିବା ସମସ୍ତ ସଦସ୍ୟଙ୍କୁ ଜିଲ୍ଲା ଓକିଲ ସଂଘର ସଭାପତି ପ୍ରଦୀପ କୁମାର ରଥ, ଅଲ ଓଡ଼ିଶା ଆଇନଜୀବି ସଂଘର କାର୍ଯ୍ୟକାରୀ ସଭାପତି ଜ୍ୟୋତିପ୍ରକାଶ ରଥ, ଜିଲ୍ଲା ଓକିଲ ସଂଘର ସମ୍ପାଦକ ବିପ୍ଳବ ବାରିକ ଓ ଅଲ ଓଡ଼ିଶା ଆଇନଜୀବି ସଂଘର ସହସମ୍ପାଦକ ସନ୍ଦିପ କୁମାର ମିଶ୍ର ସ୍ୱାଗତ ଜଣାଇଛନ୍ତି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ; ସାଗାୟ ଏଣ୍ଡ ସାଗାୟ ଚାମ୍ପିଅନ

**ବେତନଟୀ, ୨୬ ।୧୨(ସମିସ):** ବେତନଟୀ ଥାନା ଅଧୀନ ଜାମଦାପାଳଠାରେ ସାଉନ୍ତା ସୁସାର କ୍ଲବ ପକ୍ଷରୁ ୨୪ତମ ବାର୍ଷିକ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। କ୍ଲବର ସଭାପତି ବାଗ୍ଗା ମାର୍ଣ୍ଡି (ଟେମ୍ପା)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାରବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବରେ ସମାଜସେବୀ ସରୋଜ ଖୁଣ୍ଟିଆ ଏବଂ ଯୁବସଂଗଠକ ରାକେଶ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ରେହେଡାର ସାଗାୟ ଏଣ୍ଡ ସାଗାୟ ଫୁଟବଲ ଟିମ ଚଳିତବର୍ଷର ଚାମ୍ପିଅନ ହୋଇଥିବା ବେଳେ ଚହଲାପଦାର ପଟାସ୍ ଟାଇଗର ଫୁଟବଲ କ୍ଲବ ରନର୍ସଅପ ହୋଇଛି। ଚାମ୍ପିଅନ ଟିମକୁ ୧୫ହଜାର ପାଞ୍ଚ ଟଙ୍କା, ରନର୍ସଅପ ଟିମକୁ ୧୦ହଜାର ପାଞ୍ଚ ଟଙ୍କା ଏବଂ ୩ୟ ୪ର୍ଥ ଦଳକୁ ୩ହଜାର ପାଞ୍ଚଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଖେଳରେ ୧୬ ଦଳ ଅଂଶଗ୍ରହଣ କରିଥିଲେ।

## ଭେଟେରାନ୍ 'ଟି-୧୦' କ୍ରିକେଟ୍; ମହାନ୍ତି ଟାଇଗର୍ସ ବିଜୟୀ



**ବାରିପଦା, ୨୬ ।୧୨(ସମିସ):** ବାରିପଦା କଲେଜ ପଡ଼ିଆରେ ସିକ୍ରେଟ- ୧୧ ଆନୁକୂଲ୍ୟରେ ଆୟୋଜିତ ମୟୂରଭଞ୍ଜ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚରେ ମହାନ୍ତି ଟାଇଗର୍ସ ମା' ଅମ୍ବିକା ୱାରିୟର୍ସକୁ ୭ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମା' ଅମ୍ବିକା ୱାରିୟର୍ସ ୧୦ ଓଭରରେ ୪ ଉଇକେଟ ହରାଇ ୬୧ ରନ କରିଥିଲେ ଓ ଦଳ ପକ୍ଷରୁ ରାଜେଶ କୁମାର ଶର୍ମା ସର୍ବାଧିକ ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରତାପ ବରାଳ ୨ ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ମହାନ୍ତି ଟାଇଗର୍ସ ୮.୪ ଓଭରରେ ୩ ଟି ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ପ୍ରତାପ ବରାଳ ୩୩ ରନ କରିଥିବା ବେଳେ ବିପକ୍ଷ ଦଳର ପାର୍ଥ ଦେ ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଦ୍ୱିତୀୟ ମ୍ୟାଚରେ ଭିଣ୍ଟେଜ ୧୧ ଇଉସିସି ଖୁଣ୍ଟାକୁ ୭ ଉଇକେଟରେ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଖୁଣ୍ଟା ୧୦ ଓଭରରେ ୫ ଉଇକେଟ ହରାଇ ୬୫ ରନ କରିଥିଲେ। ଦଳ ପକ୍ଷରୁ ସୀତାକାନ୍ତ ବେହେରା ୨୦ ଓ ଶିଶିର କୁମାର ବେହେରା ୧୭ ରନ କରିଥିଲେ ଓ ଉତ୍ତରରେ ଭିଣ୍ଟେଜ ୮.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ପୁଙ୍ଗା ଖେରୱାଲ ସୋରେନ ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ରତିକାନ୍ତ ନାୟକ ୨ ଟି ଉଇକେଟ ଅକ୍ତିଆର କରିଥିଲେ। ଆସନ୍ତାକାଲିର ପ୍ରଥମ ମ୍ୟାଚ ଏଟାକ ୧୧ ଓ ତୁଳସୀଚୌରା କ୍ରିକେଟ କ୍ଲବ ଏବଂ ଦ୍ୱିତୀୟ ମ୍ୟାଚ ସିକ୍ରେଟ ୧୧ ଓ ଜିଲ୍ଲା ବାର ଆସୋସିଏସନ ମଧ୍ୟରେ ଖେଳାଯିବ।

## ବ୍ଲକ୍ ସମ୍ମୁଖରେ ଭିନ୍ନକ୍ଷମ ମଞ୍ଚର ଧାରଣା



**କପ୍ତିପଦା, ୨୬।୧୨(ସମିସ):** କପ୍ତିପଦା ଭିନ୍ନକ୍ଷମ ମଞ୍ଚ ପକ୍ଷରୁ ୬ ଦଫା ଦାବିରେ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଛି। ଏ ନେଇ ପୂର୍ବରୁ ଆନ୍ଦୋଳନ ହୋଇଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ପହଞ୍ଚି ଯଥାଶୀଘ୍ର ଦାବିଗୁଡିକ ସମ୍ପର୍କରେ ଆଲୋଚନା କରି ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ତେଣୁ ଆଜିଠାରୁ ପୁଣି ଧାରଣା ଦିଆଯାଇଛି। ଆଜି ଜନଶୁଣାଣୀରେ ଜିଲ୍ଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ଭିନ୍ନକ୍ଷମଙ୍କୁ ଜମିପଟ୍ଟା ବଣ୍ଟନ, ଆବାସଗୃହ ଓ ଅନ୍ତ୍ୟୋଦୟ ଯୋଜନାରେ ସାମିଲ, ପ୍ରତି ଜନସେବା ଦିବସରେ ଭତ୍ତା ପ୍ରଦାନ ଆଦି ୬ଟି ଦାବିନେଇ ଧାରଣା ଚାଲୁରହିଛି।

## ସେଣ୍ଟ୍ ମାଇକେଲ୍ ସ୍କୁଲରେ ବଡ଼ଦିନ ଉତ୍ସବ




**ବହଳଦା, ୨୬।୧୨(ସମିସ):** ବହଳଦା ସେଣ୍ଟ ମାଇକେଲ ମିଶନ ସ୍କୁଲ ପକ୍ଷରୁ ପବିତ୍ର ବଡଦିନ ତଥା ପ୍ରଭୁ ଯୀଶୁଙ୍କ ଜନ୍ମଦିନ ଆନନ୍ଦଉଲ୍ଲାସର ସହିତ ପାଳିତ ହୋଇଛି। ସ୍କୁଲ ଅଧ୍ୟକ୍ଷ ରିଚାର୍ଡ ପେରେରାଙ୍କ ତତ୍ତ୍ୱାବଧାନରେ ଓ ଉପଦେଷ୍ଟା ସତ୍ୟନାରାୟଣ ଦିକ୍ଷୀତଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁନିକୁନି ପିଲାଙ୍କ ଦ୍ୱାରା ମଦର ମେରୀ ଓ ସାନ୍ତାକ୍ଲଜ ବେଶ ସମସ୍ତଙ୍କୁ ବେଶ ଆକର୍ଷିତ କରିଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଦ୍ୟାଳୟ ଅନୁମୋଦନ ଅର୍ଥର ଅନ୍ୟତ୍ର ଖର୍ଚ୍ଚକୁ ବିରୋଧ

**ବୈଶିଙ୍ଗା, ୨୬।୧୨(ସମିସ):** ବୈଶିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତୀକରଣ ନେଇ 'ମୋ ଓଡ଼ିଶା ନବୀନ ଓଡ଼ିଶା' ଆନୁକୂଲ୍ୟରେ ଆସିଥିବା ୩ ଲକ୍ଷ ଟଙ୍କାକୁ ଅନ୍ୟ ସ୍କୁଲ କାମରେ ଲଗାଯାଉଛି। ଏଭଳି ଅଭିଯୋଗ ଆଣି ବେତନଟୀ ବିଡିଓଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ସିଂ ଓକିଲ ନୋଟସି ପଠାଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ମାସରେ ତତ୍କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ନିର୍ଦ୍ଦେଶକ୍ରମେ ବୈଶିଙ୍ଗା ପ୍ରାଥମିକ ବିଦ୍ୟାଳୟର ଉନ୍ନତୀକରଣ ପାଇଁ 'ମୋ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ୩ ଲକ୍ଷ ଟଙ୍କାର ଅନୁମୋଦନ ରାଶି ଘୋଷଣା କରାଯାଇଥିଲା। ଉକ୍ତ ବିଦ୍ୟାଳୟ କାର୍ଯ୍ୟର ଏଯାଏ କୌଣସି ଫଳକ ଲାଗିନାହିଁ କି କାର୍ଯ୍ୟାରମ୍ଭ ହୋଇନି। ଏ ନେଇ ବିଦ୍ୟାଳୟ ଆଲୁମିନି କମିଟି ସଭାପତି ବିବେକାନନ୍ଦ ପଣ୍ଡା ବେତନଟୀ ବିଡିଓ ନିର୍ଲିପ୍ତା ମହାନ୍ତିଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିଲେ। ବେତନଟୀ ବିଡ଼ିଓ କାର୍ଯ୍ୟାରମ୍ଭ ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତିମଧ୍ୟରେ ୧୫ ଦିନ ପରେ କାମ ବିଳମ୍ବ ନେଇ ଶ୍ରୀ ପଣ୍ଡା ବିଡିଓଙ୍କୁ ପଚାରିଥିଲେ। ବିଡିଓ କହିଥିଲେ ଯେ, ଉକ୍ତ ବିଦ୍ୟାଳୟଟି କେନ୍ଦୁଆ ପଞ୍ଚାୟତ ଅଧୀନ ଜାଗାରେ ଥିବାରୁ କାମ ହୋଇପାରିବନି। ଏହି କାମକୁ ବୈଶିଙ୍ଗା ପଞ୍ଚାୟତ ଅଧୀନ ଅନ୍ୟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବା ନେଇ ସେ କହିଥିଲେ। ଏନେଇ ବିଦ୍ୟାଳୟ କମିଟି ସଭାପତି ଶ୍ରୀ ସିଂ ବିଡିଓଙ୍କୁ ଓକିଲ ନୋଟିସ ଜାରି କରିଛନ୍ତି। ୧୫ ଦିନ ମଧ୍ୟରେ ସ୍ପଷ୍ଟୀକରଣ ନ ମିଳିଲେ ବିଡିଓଙ୍କ ବିରୋଧରେ କୋର୍ଟ ଯିବେ ବୋଲି ଶ୍ରୀ ସିଂ ପ୍ରକାଶ କରିଛନ୍ତି।

## ଆଗ୍ରିଆ ମହୋତ୍ସବ ପ୍ରସ୍ତୁତି ବୈଠକ

**ବୈଶିଙ୍ଗା, ୨୬।୧୨ (ସମିସ):** ଆଗ୍ରିଆ ପଞ୍ଚାୟତର ବୀଣାପାଣି ଯୁବକ ସଂଘ ତରଫରୁ ଆସନ୍ତା ବର୍ଷ ହେବାକୁ ଥିବା ଆଗ୍ରିଆ ମହୋତ୍ସବ 'ସମ୍ପର୍କ -୨୦୨୪' ନେଇ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଜାନୁଆରୀ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବ। ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭନ୍ନ ପ୍ରତିଯୋଗିତା, ୨୮ ତାରିଖରେ ରକ୍ତଦାନ ଶିବିର, ୨୯ରେ ମେଲୋଡି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସଂଘ ସଭାପତି ଶିବନାରାୟଣ ଘୋଷ, ସମ୍ପାଦକ ଜୀବନ ପରିଡ଼ା, ଉପ ସଭାପତି ଜିତେନ୍ଦ୍ର ପରିଡ଼ା, ସହ ସମ୍ପାଦକ ପ୍ରକାଶ ଜ୍ୟୋତି ପ୍ରଧାନ, କୋଷାଧ୍ୟକ୍ଷ ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ବ୍ରହ୍ମାନନ୍ଦ ପରିଡ଼ା, ଶ୍ରୀଧର ଦେହୁରୀ, ଇନ୍ଦ୍ରଜିତ ଓଝା, ହିମାଂଶୁ ପଣ୍ଡିତ, ତରଣୀ ପଣ୍ଡିତ, ଦିଲ୍ଲୀପ ମହାନ୍ତି, ପ୍ରମୋଦ ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସଂଜ୍ଞାହୀନ ଯୁବକଙ୍କ ମୃତ୍ୟୁ

**ଠାକୁରମୁଣ୍ଡା, ୨୬ ।୧୨ (ସମିସ):** ଠାକୁରମୁଣ୍ଡା ବଜାରର ବନ୍ଧ ନିକଟ ଏକ ଦୋକାନ ସମ୍ମୁଖରେ ସୋମବାର ରାତିରେ ସଂଜ୍ଞାହୀନ ଅବସ୍ଥାରେ ଶୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି ଠାକୁରମୁଣ୍ଡା ଗ୍ରାମ ହଂସୀ ସାହିର ବିଶ୍ୱନାଥ ବେହେରାଙ୍କ ପୁଅ ଶଶିରଞ୍ଜନ (୪୬)। ସୂଚନା ଅନୁଯାୟୀ ଶଶିରଞ୍ଜନ ସୋମବାର ମହୁଲଡ଼ିହାକୁ ଯାଇ ଠାକୁରମୁଣ୍ଡାକୁ ସନ୍ଧ୍ୟାରେ ଫେରି ବୁଲୁଥିଲେ। ରାତି ପ୍ରାୟ ୯.୩୦ ମି ସମୟରେ ଶଶିରଞ୍ଜନ ବଜାର ବନ୍ଦ ଥିବା ଏକ ସେଲୁନ ବାରଣ୍ଡାରେ ଶୋଇ ରହିଥିବା ଦେଖି ସ୍ଥାନୀୟ ଲୋକମାନେ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ସେ ବାନ୍ତି କରିଥିବାରୁ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆଜି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତ୍ରଣପତ୍ର ବଣ୍ଟନ




ବାରିପଦା, ୨୬ ।୧୨(ସମିସ)

ଆସନ୍ତା ଜାନୁୟାରୀ ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନ ନିମନ୍ତ୍ରଣ ପତ୍ର ବଣ୍ଟନ ଆରମ୍ଭ କରିଛନ୍ତି। ସେହି ପରିପ୍ରେକ୍ଷୀରେ ବୁଧବାର ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୁରୀରୁ ଆସୁଥିବା ଏକ ପ୍ରତିନିଧି ମଣ୍ଡଳ ପହଞ୍ଚି ଜିଲ୍ଲା ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିବେ। ସୂଚନା ଯୋଗ୍ୟ ଯେ ବାରିପଦାଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବାକୁ ଥିବା ବେଳେ ପ୍ରଥମେ ଏହାର ନିମନ୍ତ୍ରଣ ପତ୍ର ବଣ୍ଟନ ବାରିପଦା ହରି ବଳଦେବ ଜୀଉ ମନ୍ଦିର (ଦ୍ୱିତୀୟ ଶ୍ରୀକ୍ଷେତ୍ର ବା ଜଗନ୍ନାଥ ମନ୍ଦିର) ଏବଂ ପରେ ମା' ଅମ୍ବିକା ମନ୍ଦିରରେ ସମ୍ପାଦନା ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରାକ ପ୍ରସ୍ତୁତି ଚାଲୁ ରଖିଛନ୍ତି। ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲା ଅଧିକାରୀ ତଥା ପୁଲିସ ପ୍ରଶାସନ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କାର୍ଯ୍ୟରତ ଅଛନ୍ତି। ପୁରୀରୁ ଆସୁଥିବା ପ୍ରତିନିଧି ମଣ୍ଡଳ ଏହି ଦୁଇ ପୀଠରେ ନିମନ୍ତ୍ରଣପତ୍ର ଦେଇ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ମଧ୍ୟ ସୂଚନା ପ୍ରକାଶମିଳିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ପି ଏସ. ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଦୌଲତ ଚନ୍ଦ୍ରକାର ଓ ଅଭିମନ୍ୟୁ ବେହେରା ଏବଂ ବାରିପଦା ଉପାଜିଲ୍ଲପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହିବେ।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

**ବଡସାହି, ୨୬।୧୨(ସମିସ):** ବଡସାହି ବ୍ଲକ ୨୩ ନମ୍ବର ଜୋନ ପକ୍ଷରୁ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ଶିବଶଙ୍କର ପଣ୍ଡା ସଭାପତିତ୍ୱ କରିଥିଲେ। ଜିଲ୍ଲା ଉପସଭାପତି ସୁନୀଲ ଦାଶ, ମଣ୍ଡଳ ପ୍ରଭାରୀ ଅଭୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହିତ ସେ କିପରି ୨୩ଟି ଦଳକୁ ନେଇ ଏକତା ସୂତ୍ରରେ ବାନ୍ଧି ସରକାର ଗଠନ କରିଥିଲେ ସେ ସମ୍ପର୍କରେ ବକ୍ତବ୍ୟ ରଖି ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ଜିଲ୍ଲା କାର୍ଯ୍ୟାକାରିଣୀ ସଦସ୍ୟ ବିଭୂତି ମହାନ୍ତ, ମଧୁସୁଦନ ପଣ୍ଡା, ଚିତରଞ୍ଜନ ପତି, ଗଣେଶ୍ୱର ମହାନ୍ତି, ସୁରେନ୍ଦ୍ର ସେଠୀ, କାଳିଆ ମହାନ୍ତି, ସଞ୍ଜୟ ବେହେରା, ନୀଳାମ୍ବର ବେହେରା, କରୁଣାକର ଦଣ୍ଡପାଟ, ସ୍ୱପ୍ନେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଧାରଣ ସମ୍ପାଦକ ଗୋପୀନାଥ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

